### ମୃତ ବ୍ୟକ୍ତିଙ୍କ ନାଁରେ ଖାଉଟି ସାମଗ୍ରୀ ହଡ଼ପ ଘଟଣା

# ହଡ଼ପ ହୋଇନି ସାମଗ୍ରୀ

**ନାଉଗାଁ,୨୭।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ବେଣାପଡ଼ା ଗ୍ରାମର ସ୍ୱର୍ଗତ ସିଦ୍ଧେଶ୍ୱର ଓଝାଙ୍କ ନାମରେ ଥିବା ଅନ୍ତ୍ୟୋଦୟ କାର୍ଡରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଚଞ୍ଚକତା କରି ଖାଉଟି ସାମଗ୍ରୀ ହଡ଼ପ କରୁଥିଲେ। ଏକଥା ସିଦ୍ଧେଶ୍ୱରଙ୍କ ପୁଅ ରବୀନ୍ଦ୍ର ଜାଣିବା ପରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ସ୍ଥାନୀୟ ବିଧାୟକଙ୍କୁ ଗତ ୧୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ କରାଯାଇଥିଲା। ୨୩ ତାରିଖରେ ଜଗତ୍‌ସିଂହପୁର ଅତିରିକ୍ତ ଯୋଗାଣ ନିରୀକ୍ଷକ ଓ ନାଉଗାଁ ବ୍ଲକ ଯୋଗାଣ ଅଧିକାରୀ ବିଜୟ ସିଂ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ରବୀନ୍ଦ୍ର ଘରେ ଅନୁପସ୍ଥିତ ଥିବା ବେଳେ ପଡୋଶୀଘର ଘନଶ୍ୟାମ ଓଝାଙ୍କ ସହ ଆଲୋଚନା କରିଥିଲେ। ରବୀନ୍ଦ୍ରଙ୍କ ବାପା ସିଦ୍ଧେଶ୍ୱର ୩ ଅଗଷ୍ଟ ୨୦୧୭ରେ ମୃତ୍ୟୁ ବରଣ କରିଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀ ଛଇଳ ଓଝା ମଧ୍ୟ ମୃତ୍ୟୁବରଣ କରିଥିଲେ। ତେଣୁ ସିଦ୍ଧେଶ୍ୱରଙ୍କ ନାମରେ ଥିବା ଅନ୍ତ୍ୟୋଦୟ କାର୍ଡ ଏବେ ରବୀନ୍ଦ୍ରଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ନାମରେ ରହିଛି। ୨୦୧୩ରେ ସରକାରଙ୍କ ଦ୍ୱାରା କରାଯାଇଥିବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉକ୍ତ ପରିବାର ଆବେଦନ କରି ନ ଥିବା ଜଣାଯାଇଛି। ତେଣୁ କୌଣସି ଖାଉଟି ସାମଗ୍ରୀ ବାଟ ମାରଣା ହୋଇ ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ରିପୋର୍ଟକୁ ଅତିରିକ୍ତ ଯୋଗାଣ ନିରୀକ୍ଷକ ଚିଠି ନଂ–୩୫୯/୨୫।୧୧।୨୦୧୯ରେ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

# ପ୍ରସ୍ତାବିତ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ବିରୋଧ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଏରସମା ଅଞ୍ଚଳବାସୀ।

**ଏରସମା,୨୭।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ସିହା ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ଆଦର୍ଶ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଉଦ୍ୟମ ହେଉଛି। ତେଣୁ ଏହି ଉଦ୍ୟମକୁ ଏରସମାବାସୀ ବିରୋଧ କରିଛନ୍ତି। ପ୍ରତିବାଦରେ ସେମାନେ ସୋମବାର ଏରସମା ବ୍ଲକରେ ଅନୁଷ୍ଠିତ ଜନ ଶୁଣାଣିରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶଯୋଗ୍ୟ, ସିହା ଗ୍ରାମରେ ସରକାରଙ୍କ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପାଇଁ ୨ ବର୍ଷ ତଳେ ଯୋଜନା କରାଯାଇଥିଲା। ସେଥିପାଇଁ ଗ୍ରାମବାସୀଙ୍କ ମତାମତ ନିଆଯାଇଥିଲା। ଗ୍ରାମବାସୀ ସହମତି ପ୍ରକାଶ କରିବା ପରେ ପ୍ରଶାସନ ପକ୍ଷରୁ ସ୍ଥାନ ନିରୁପଣ କରାଯାଇଥିଲା। ଏହା ମଧ୍ୟରେ ଟେଣ୍ଡର କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ମାତ୍ର କାର୍ଯ୍ୟ ଆରମ୍ଭ କରା ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହି ଆଦର୍ଶ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଉଦ୍ୟମ କରୁଥିବା ଖବର ମିଳିବାରୁ ଏରସମାବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ସିହା ଗ୍ରାମରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରସାଦ ଦାସ, ନରେନ୍ଦ୍ର କୁମାର ସ୍ୱାଇଁ, ଧୀରେନ୍ଦ୍ର ଚୌଧୁରୀ, ବିଜୟ ପାଲ, ବୈଷ୍ଣବ ଚରଣ ସ୍ୱାଇଁ, ଚିତ୍ତରଞ୍ଜନ ଦଳାଇ, ଦେବେନ୍ଦ୍ର ସେଠୀ ପ୍ରମୁଖ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପିପିଏଲକୁ ଆନ୍ତର୍ଜାତିକ ପୁରସ୍କାର

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପ ଫସଫେଟସ ଲିମିଟେଡ୍ (ପିପିଏଲ)କୁ ବୁଧବାର ଆନ୍ତର୍ଜାତିକ ଆୱାର୍ଡ ମିଳିଛି। ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ବା କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ପିପିଏଲ ନେଇଥିବା ପଦକ୍ଷେପକୁ ହୋଇଥିବା ୯ମ ସମ୍ମିଳନୀରେ ପ୍ରଥମ ସ୍ଥାନ ମିଳିଥିଲା। ଏହିଉପଲକ୍ଷେ ଭୁବନେଶ୍ୱରଠାରେ ଅନୁଷ୍ଠିତ ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ସମ୍ମିଳନୀରେ ନଗର ଉନ୍ନୟନ ସଚିବ ଜି. ମାଥି ଉତାନବ ଏହି ଆୱାର୍ଡ ପ୍ରଦାନ କରିଥିଲେ। କମ୍ପାନୀ ପାରାଦୀପ ୟୁନିଟ୍ ମୁଖ୍ୟ ରଣଜିତ ସିଂ ତୁଗ୍, ଅନ୍ୟ ଅଧିକାରୀ ପ୍ରଣବ ଭଟ୍ଟାଚାର୍ଯ୍ୟ, ଅମ୍ବିକେଶ ମିଶ୍ର ଏହି ଆୱାର୍ଡ ଗ୍ରହଣ କରିଥିଲେ। କମ୍ପାନୀ ପରିସରରେ ଥିବା ବର୍ଜ୍ୟବସ୍ତୁ ଓ ଟାଉନଶିପ୍‌ରୁ ଉଦ୍‌ବୃତ୍ତ ଆବର୍ଜନାକୁ ସୁପରିଚାଳନା କରି ପୁନଃ ବ୍ୟବହାର କ୍ଷମ କରିବା, ପରିବେଶ ସନ୍ତୁଳନରେ ପାରାଦୀପରେ ଥିବା ସମସ୍ତ କମ୍ପାନୀଠାରୁ ଅଧିକ ନବୀକରଣ କରିବା ଆଦି କାମ ପାଇଁ କମ୍ପାନୀକୁ ଏହି ଆୱାର୍ଡ ମିଳିଛି ବୋଲି କୁହାଯାଇଛି।




ସଚିବଙ୍କଠାରୁ କମ୍ପାନୀ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।





































## ଅନୁସୂଚିତ ଜନଜାତିଙ୍କ ସେବାରେ...

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର ଆଦିବାସୀମାନଙ୍କର ସାମୂହିକ ବିକାଶ ପାଇଁ ୧୯୭୯ ମସିହାଠାରୁ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ପଞ୍ଚାୟତ ସମିତିରେ କାର୍ଯ୍ୟ କରିଆସୁଅଛି।

- ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି। ସେମାନଙ୍କୁ ଇଂରାଜୀ ପାଠ୍ୟକ୍ରମ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି। ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡ଼ିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି।
- ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଲୋକଙ୍କ ପୀଠସ୍ଥଳୀର ପୁନରୁଦ୍ଧାର କରାଯାଇଅଛି ତଥା ସେମାନଙ୍କ ଆମୋଦପ୍ରମୋଦ ସକାଶେ ଜିଲ୍ଲାର ସମସ୍ତ ୧୮୯ଟି ପଞ୍ଚାୟତରେ ଗୋଟିଏ ଲେଖାଏ ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କରାଯାଉଅଛି।

ସ୍ୱା./– ଶ୍ରୀଯୁକ୍ତ ଅଣାକାର ଠାକୁର
ଓ.ପ୍ର.ସେ. – ଗ୍ରେଡ୍–ଏ, (ଏସ୍.ବି.)
ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା
ନବରଙ୍ଗପୁର






## ସଂକ୍ଷେପରେ

### ଓଡ଼ଣ ଷଷ୍ଠୀ ନିମନ୍ତେ ପ୍ରସ୍ତୁତି ବୈଠକ

**ବିରିଡ଼ି,୨୭।୧୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଡ଼ଙ୍ଗଗଡ଼ ନାଇଲୋସ୍ଥିତ ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ପୀଠରେ ଡିସେମ୍ବର ୨ରେ ମହାପୁରୁଷଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ପାଳନ କରାଯିବ। ଏନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଯଶୋବନ୍ତ ଗୋସ୍ୱାମୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଟ୍ରଷ୍ଟ ସଦସ୍ୟ ଅକ୍ଷୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ଆଡିସନାଲ ତହସିଲଦାର ସୌମ୍ୟା ପଟ୍ଟନାୟକ, ଆଇଆଇସି ପାରଓ ଟୁଡୁ, ଟ୍ରଷ୍ଟି ଚିତ୍ତରଞ୍ଜନ ଦାସ, ସରପଞ୍ଚ ଅଶୋକ କୁମାର ଜେନା, ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ସଭାପତି ଦେବୀ ପ୍ରସାଦ ତ୍ରିପାଠୀ, ସମ୍ପାଦକ ସୀତାଂଶୁ ଶେଖର ରାୟ, ଦୁର୍ଗାଦତ୍ତ ମହାନ୍ତି, ଦେବାଶିଷ ମହାନ୍ତି, ଶରତ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ତହସିଲଦାରଙ୍କ ଉପସ୍ଥିତିରେ ମହାପୁରୁଷଙ୍କ ହୁଣ୍ଡିରୁ ଆୟ ୨୨ ହଜାର ୨ଶହ ୧୨ଟଙ୍କା ଖୋଲା ଯାଇଥିଲା। ପରେ ମହାପୁରୁଷଙ୍କ ପୀଠର ସ୍ୱଚ୍ଛ ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ଲାଗି ବିଡିଓ ଏବଂ ବ୍ଲକ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

### ହୃଦ୍‌ରୋଗ ଚିକିତ୍ସା ଶିବିର

**ତିର୍ତ୍ତୋଲ,୨୭।୧୧(ଡି.ଏନ.ଏ.):** ସତ୍ୟସାଇ ବାବାଙ୍କ ଜନ୍ମ ଦିବସ ଅବସରରେ ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନେହେରୁ କଲୋନୀ ସ୍ଥିତ ସତ୍ୟସାଇ ସେବା ସମିତି ପରିସରରେ ଏକ ହୃଦ୍‌ରୋଗ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା, ପତାକା ଉତ୍ତୋଳନ, ବେଦପାଠ ସହ ଅନ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଭାତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୧୧୫ ଜଣ ହୃଦରୋଗୀଙ୍କ ଚିକିତ୍ସା କରାଯାଇଥିଲା। ସଞ୍ଜୀତା ମିଶ୍ର, ସୁରଥ ସୂତାର, ଚିତ୍ତରଞ୍ଜନ ଜେନା, ଶିବଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତିର୍ତ୍ତୋଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ

**ତିର୍ତ୍ତୋଲ,୨୭।୧୧(ଡି.ଏନ.ଏ.):** ତିର୍ତ୍ତୋଲ କୋର୍ଟ ପରିସରରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜେଏମଏଫସି ସୁଶାନ୍ତ କୁମାର ନାୟକ ଯୋଗଦେଇ ସମ୍ବିଧାନ ମୁଖବନ୍ଧର ସଙ୍କଳ୍ପ ପାଠ କରିଥିଲେ। ତିର୍ତ୍ତୋଲ ବାର ଆସୋସିଏଶନ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ସମ୍ବିଧାନର ମୌଳିକତା ଉପରେ ଆଲୋକପାକ କରିଥିଲେ। ଉପସଭାପତି ଟୁକନ ଚରଣ ସେଠୀ, ଆଇନଜୀବୀ ପ୍ରିୟବ୍ରତ ଗୋସ୍ୱାମୀ, ପ୍ରଶାନ୍ତ ରାୟ, ଶୁଭେନ୍ଦୁ ରାୟ, ଜୀବନ ବଲ୍ଲଭ ମହାନ୍ତି, ଶରତ ଚନ୍ଦ୍ର ସାହୁ, ସାରଦା ପ୍ରସନ୍ନ ଚୌଧୁରୀ, ରଞ୍ଜନ ପଲାଉ, ଦେବେନ୍ଦ୍ର ନାୟକ, ଦେବେନ୍ଦ୍ର ନାୟକ, ସୁବୋଧ ଚନ୍ଦ୍ର ଖୁଣ୍ଟିଆ, ଅମର ଜ୍ୟୋତି ସାହୁ, ନାରାୟଣ ମହାନ୍ତି, ବିଷ୍ଣୁ ଚରଣ ମାଝୀ, ଗୋବିନ୍ଦ ସ୍ୱାଇଁ ଓ ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### କାୟାକଳ୍ପ ଟିମ୍‌ର ବିରିଡ଼ି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

**ବିରିଡି,୨୭।୧୧(ଡି.ଏନ.ଏ):** ରାଜ୍ୟ ସରକାରଙ୍କ କାୟାକଳ୍ପ ଯୋଜନାର ଏକ ତିନିଜଣିଆ ପ୍ରତିନିଧି ଦଳ ବୁଧବାର ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚତୁଃପାର୍ଶ୍ୱ, ସମସ୍ତ ବିଭାଗର ପ୍ରକୋଷ୍ଠ, ବର୍ଜ୍ୟବସ୍ତୁ ପରିଚାଳନା ଗୃହ, ନିରାମୟ ଗୃହ, ହର୍ବାଲ ଗାର୍ଡେନ, ଶଲ୍ୟ ଚିକିତ୍ସା ଗୃହ, ପ୍ରସୂତି ଗୃହ, ପାଇଖାନା ପାନୀୟ ଜଳ, ସନଷ୍ଟ୍ରୋକ ଗୃହ, ରୋଗୀଙ୍କ ପ୍ରତୀକ୍ଷା ଗୃହ, ନିଦାନ ବିଭାଗ, ସବୁଜ ବଗିଚା, ଡାକ୍ତର ଗୃହ, ବିଶ୍ରାମ ଗୃହ ଓ ଡ୍ରେସିଂ ଗୃହଗୁଡିକ ସ୍ୱଚ୍ଛତା ଅଛି କି ନାହିଁ ବୁଲି ଦେଖିଥିଲେ। ଏହି ଟିମରେ ନେତୃତ୍ୱ ନେଇଥିଲେ ଏସଡିଏମୟୁର ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭେନ୍ଦୁ ନାୟକ, ଆୟୁଷ କନସଲଟାଣ୍ଟ ଡା. ପିୟୁଷ ମହାନ୍ତି ଓ ପିଏସଆଇର କନସଲଟାଣ୍ଟ ରୁଦ୍ର ପ୍ରସାଦ ପ୍ରଧାନ। ସେମାନଙ୍କ ସହ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମଓ ଡା. ବସନ୍ତ କୁମାର ବାରିକ, ଡିପିଏମ ଚକ୍ରଧର ମହାନ୍ତି ଉପସ୍ଥିତ ଥିଲେ। ସେମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ପରିଷ୍କାର ପରିଚ୍ଛନ୍ନତା ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଗେଷ୍ଟ ହାଉସ୍‌ରୁ ୬ ପ୍ରେମୀ ଯୁଗଳ ଉଦ୍ଧାର


ପୋଲିସର ଚଢ଼ାଉ ବେଳେ ଲୋକେ ହୋହଲ୍ଲା କରୁଛନ୍ତି।


ପୋଲିସ ଦ୍ୱାରା ଗିରଫ ହୋଇଥିବା ଯୁବକମାନେ।

- ୬ ଯୁବକ ଓ ଜଣେ ଗେଷ୍ଟ ହାଉସ ରିସେପ୍‌ସନିଷ୍ଟ ଗିରଫ
- ୪ ଯୁବତୀଙ୍କୁ ଅଭିଭାବକଙ୍କୁ ହସ୍ତାନ୍ତର କଲା ପୋଲିସ
- ଅନ୍ୟ ଏକ ଲଜ୍‌ରୁ ଖସିଗଲେ ଏକାଧିକ
- ୨ ନାବାଳିକାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର

**ଜଗତ୍‌ସିଂହପୁର ଅଫିସ,୨୭।୧୧**

ଜଗତ୍‌ସିଂହପୁର ଜିଲାରେ ସେକ୍ସ ରାକେଟ୍ ସକ୍ରିୟ ଅଛି। ଏହି ର୍‍ୟାକେଟ୍‌ର ଚେର କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ଲମ୍ବିଛି। କେବଳ ର୍‍ୟାକେଟ୍ ନୁହେଁ କେତେକ ସମୟରେ ଦେଖାଯାଉଛି ଯୁବତୀ, ଯୁବକ ଯୌନ ଲାଳସା ପୂରଣ ପାଇଁ ଗେଷ୍ଟ ହାଉସ୍, ଲଜ୍ ଓ ହୋଟେଲ୍ ଆଦି ବାଛୁଛନ୍ତି। ଆଉ କିଛି ଯୁବକ ନିଜର ମନ୍ଦ ଲକ୍ଷ୍ୟ ପୂରଣ ପାଇଁ ଯୁବତୀଙ୍କୁ ଫସାଇ ଯୌନ ଶୋଷଣ କରୁଛନ୍ତି। ଯାହାର ଦୃଷ୍ଟାନ୍ତ ବୁଧବାର ଦେଖିବାକୁ ମିଳିଛି। ବିଶେଷ ସୂତ୍ରରୁ ଖବର ପାଇ ଜଗତ୍‌ସିଂହପୁର ପୋଲିସ ସହରର ୨ଟି ଲଜ୍ ଓ ଗେଷ୍ଟ ହାଉସରେ ଚଢାଉ କରି ୬ ଯୁବକ ଓ ଜଣେ ଗେଷ୍ଟ ହାଉସ ରିସେପ୍‌ସନିଷ୍ଟଙ୍କୁ ଗିରଫ କରିଥିବା ବେଳେ ୪ ଯୁବତୀଙ୍କୁ ଛାଡି ଦେଇଛି। ଅବଶିଷ୍ଟ ୨ ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଇଥିବା ଜଣାଯାଇଛି। ଏହା ଉପରେ ପୋଲିସ ଦଫା ୩୭୦(୩)/ ୩୭୦(୫)/ ୩୭୦(ଏ)/୩୪ ଆଇପିସି/ ଇମୋରାଲ ଟ୍ରାଫିକିଂ ପ୍ରିଭେନ୍ସନ ଆକ୍ଟର ଦଫା ୩ ଅନୁଯାୟୀ ମାମଲା ସଂଖ୍ୟା ୪୨୫/ ୧୯ ରୁଜୁ କରିଛି। ଯୁବତୀଙ୍କୁ ଯୌନ ଶୋଷଣ କରିଥିବା ଯୁବକଙ୍କ ମଧ୍ୟରୁ କେବଳ ଜଣେ କଟକ ଜିଲାର ହୋଇଥିବା ବେଳେ ଅବଶିଷ୍ଟ ଜଗତ୍‌ସିଂହପୁର ଜିଲାର ବୋଲି ଜଣାଯାଇଛି। ଗିରଫ ଯୁବକମାନେ ହେଲେ ଜଗତ୍‌ସିଂହପୁର ଥାନା ସରାପ୍ଲୋର ଦିପ୍ତୀରଞ୍ଜନ ମଲ୍ଲିକ(୨୮), ଗୋବିନ୍ଦାପୋଖରୀର ଶ୍ରୀକ୍ରିଷ୍ଣ ପାଲ(୨୯), ଆଶ୍ରମପାଟଣା (ପୁରୁଣାଗଡ଼)ର ପିଣ୍ଟୁ ସାହୁ (୨୩), କଣ୍ଟରାର ରାକେଶ କୁମାର ସାହୁ (୨୫), ତିର୍ତ୍ତୋଲ ଥାନା ରାହାଡିଙ୍ଗାର ଗୌତମ ବେହେରା (୨୫) ଓ କଟକ ଜିଲା ଗୋବିନ୍ଦପୁର ଥାନା ନାହାଳପୁରର ଦୀପକ ମଲ୍ଲିକ(୨୩)। ଏମାନଙ୍କ ସହ ଯୁବତୀଙ୍କୁ ଯୌନ ଶୋଷଣ କରାଯାଇଥିବା ସିପି ଛକ ନିକଟ ବୃନ୍ଦାବନ ଗେଷ୍ଟ ହାଉସ୍ ରିସେପ୍‌ସନିଷ୍ଟ ଅକ୍ଷୟ ଗୋଚ୍ଛାୟତ (୩୫)ଙ୍କୁ ମଧ୍ୟ ଗିରଫ କରାଯାଇଛି। ଗୋଚ୍ଛାୟତଙ୍କ ଘର ବାଲିକୁଦା ଥାନା ନାଗବ୍ରହ୍ମପୁର ନିକଟ ମୂଲୁଗାଁରେ ବୋଲି ଜଣାଯାଇଛି। ଏଥିସହ ଯୁବକମାନଙ୍କ ୬ଟି ବାଇକ୍, କେତେକ ବ୍ୟବହୃତ ଓ ଅବ୍ୟବହୃତ କଣ୍ଡୋମ୍ ଜବତ୍ ହୋଇଛି।

ବୁଧବାର ପୂର୍ବାହ୍ନରେ ଜଗତ୍‌ସିଂହପୁର ନୂଆ ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ, ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ଓ ଅନ୍ୟ ପୋଲିସ କର୍ମଚାରୀ ପ୍ରଥମେ ମହାବୀର ଲଜ୍ ଉପରେ ଛାପା ମାରିଥିଲେ। କିନ୍ତୁ ସେଠାରୁ କୌଣସି ପ୍ରେମୀ ଯୁଗଳଙ୍କୁ ଧରିବାକୁ ସକ୍ଷମ ହୋଇ ନ ଥିଲେ। ପରେ ସିପି ଛକ ନିକଟ ବୃନ୍ଦାବନ ଗେଷ୍ଟ ହାଉସ୍ ଯାଇଥିଲେ। ସେଠାରେ ପୋଲିସକୁ ସଫଳତା ମିଳିଥିଲା। ଗେଷ୍ଟ ହାଉସରେ ଚଢାଉ ସମୟରେ ୬ ପ୍ରେମୀ ଯୁଗଳ ପୋଲିସ କବ୍‌ଜାକୁ ଆସିଥିବା ବେଳେ ଆଉ କେତେଜଣ ଖସି ଯାଇଥିଲେ। ଚଢାଉ ଖବର ସହରରେ ପ୍ରଚାରିତ ହେବା ପରେ ସେଠାରେ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଥିଲା। ଯେହେତୁ ଏହି ଗେଷ୍ଟ ହାଉସ୍‌ଟି ଜଗତ୍‌ସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତାର ସିପି ଛକ ନିକଟରେ ତେଣୁ ପାଖାପାଖି ୧ ଘଣ୍ଟାରୁ ଅଧିକ ସମୟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି, ମୋଟର ଅଟକି ରହିଥିଲା। ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ଯୁବତୀ, ଯୁବକଙ୍କୁ ଜଗତ୍‌ସିଂହପୁର ଥାନା ପର୍ଯ୍ୟନ୍ତ ନେବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। କାରଣ ଗେଷ୍ଟ ହାଉସ୍ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଗେଷ୍ଟ ହାଉସରେ ଯୌନ କାରବାରକୁ ନାପସନ୍ଦ କରିବା ସହ ହୋହଲ୍ଲା କରିଥିଲେ। ରିସେପ୍‌ସନିଷ୍ଟ ନିୟମ କାନୁନ୍ ମାନି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିଲା। ନିୟମ ରହିଛି କେହି ହୋଟେଲ, ଗେଷ୍ଟ ହାଉସ୍ କିମ୍ବା ଲଜ୍ ଆଦିରେ ରହିବାକୁ ଚାହିଁଲେ ସେମାନଙ୍କ ପରିଚୟପତ୍ରର ପ୍ରମାଣ ରଖିବାକୁ ପଡିବ। ଏଥିସହ ଯୁବତୀ, ଯୁବକ ରହୁଥିଲେ ସ୍ଥାନୀୟ ଥାନାକୁ ଖବର ଦେବା ବାଧ୍ୟତାମୂଳକ। ସବୁକିଛି ତର୍ଜମା କରି ନ ରଖିଲେ ଆଇନ ଅନୁଯାୟୀ ଦଣ୍ଡ ଭୋଗିବାକୁ ପଡିବ। ଗେଷ୍ଟ ହାଉସ୍ ରିସେପ୍‌ସନିଷ୍ଟ ଏହି ନିୟମ ପାଳନ କରି ନ ଥିବାରୁ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ୪ ଯୁବତୀ ଓ ୧ ନାବାଳିକା ନିକଟସ୍ଥ ମହାବିଦ୍ୟାଳୟଗୁଡିକରେ ଶିକ୍ଷାଲାଭ କରୁଛନ୍ତି। କିନ୍ତୁ ଯୁବକଙ୍କ ମଧ୍ୟରୁ କେହି ମହାବିଦ୍ୟାଳୟରେ ପଢୁ ନ ଥିବା ଜଣାଯାଇଛି।

#### ଦୁଇ ଜଣଙ୍କ ବାହାଘର ସ୍ଥିର ହୋଇଥିଲା

ହଲେ ପ୍ରେମୀ ଯୁଗଳଙ୍କ ବାହାଘର ତାରିଖ ସ୍ଥିର ହୋଇଥିବା ସେମାନଙ୍କ ପିତା ବୋଲି ଦାବି କରି ୨ ଜଣ ବ୍ୟକ୍ତି ଥାନାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଝିଅ ଘର ନୟାଗଡ଼ ଜିଲାରେ ହୋଇଥିବା ବେଳେ ସେମାନେ ଜଁକୋଟିରେ ରହୁଥିବା କହିଛନ୍ତି। ସେହିପରି ପୁଅ ଘର ସରାପ୍ଲୋ। ଏହି ଦୁହେଁ କୁଆଡେ ଆଉ କିଛି ମାସ ଭିତରେ ବାହା ହୋଇଥାନ୍ତେ।

#### ବିଧାୟକଙ୍କ ସମ୍ପର୍କୀୟ ଖସିଗଲେ

ଚଢାଉ ସମୟରେ ଧରା ପଡିଥିବା ଯୁବତୀ, ଯୁବକଙ୍କ ମଧ୍ୟରୁ ଜଣେ କୌଣସି ବିଧାୟକଙ୍କ ସମ୍ପର୍କୀୟ ବୋଲି ଆଲୋଚନା ହୋଇଥିଲା। ପ୍ରଥମେ ଯେଉଁ ଝିଅକୁ ପୋଲିସଗେଷ୍ଟହାଉସବାହାରକୁନେଇଥିଲାସେଏହିବିଧାୟକଙ୍କସମ୍ପର୍କୀୟଏବଂ ସ୍ଥାନୀୟ ଏକ ମହାବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିବା କୁହାଯାଉଛି।

#### ଛାତରୁ ଡେଇଁ ଖସିଗଲେ ଯୁବକ

ବୃନ୍ଦାବନ ଗେଷ୍ଟ ହାଉସରେ ପୋଲିସ ଚଢାଉ ସମୟରେ ଜଣେ ଯୁବକ ଏହି ବିଲ୍ଡିଂର ପ୍ରଥମ ମହଲା ପୋଟିକ ଛାତରୁ ଡେଇଁ ପଡିଥିଲେ। ସୌଭାଗ୍ୟ ତାଙ୍କର କିଛି ଅସୁବିଧା ହୋଇ ନ ଥିଲା। ଏହା ପରେ ସମ୍ପୃକ୍ତ ଯୁବକ ଜୀବନ ବିକଳରେ ଧାଇଁଥିଲେ। ଯୁବକଜଣକ କିଏ ତାଙ୍କର କୌଣସି ପରିଚୟ ମିଳିପାରିନାହିଁ। କିନ୍ତୁ ସେ ଗେଷ୍ଟ ହାଉସ୍ କର୍ମଚାରୀ କି ଯୁବତୀଙ୍କୁ ଯୌନ ଶୋଷଣ କରିବାକୁ ସେଠାରେ ପହଞ୍ଚିଥିଲେ ତା ଉପରେ ପୋଲିସ ଅନୁଧାନ ଜାରି ରହିଛି।

#### ଜବତ ବାଇକ୍‌ରେ ପ୍ରେସ୍ ଲେଖା

ଯୁବକମାନଙ୍କୁ ପୋଲିସ ଗିରଫ କଲା ପରେ ସେମାନଙ୍କ ବାଇକ୍ ମଧ୍ୟ ନେଇଥିଲା। କିନ୍ତୁ ଏହି ବାଇକ୍‌ଗୁଡିକ ମଧ୍ୟରୁ ଗୋଟିଏର ସାମ୍ନାପଟେ ବଡ ଅକ୍ଷରରେ ଇଂଲିଶରେ ପ୍ରେସ୍ ଲେଖାଥିଲା। କିନ୍ତୁ ଏହି ବାଇକ୍ ଚାଳକ ନିଜେ କୌଣସି ପ୍ରେସ୍‌ରେ କାମ କରୁଛନ୍ତି କି ତାଙ୍କ କୌଣସି ସମ୍ପର୍କୀୟଙ୍କ ବାଇକ୍ ନେଇଥିଲେ ତାହା ଜଣାପଡିନାହିଁ।

## ଟ୍ରାନ୍ସଫରମର ଚୋରି ଘଟଣାରେ ୨ ଗିରଫ

**ବାଲିଆ,୨୭।୧୧**

ବିରିଡି ଥାନା ଚାଷୀଖଣ୍ଡ ବିଦ୍ୟୁତ୍‌ଷ୍ଟକଚର ସାମ୍ନାରେ ଥିବା ଏକ ଟ୍ରାନ୍ସଫରମର ଚୋରି ହୋଇଥିଲା। ଏନେଇ ବିରିଡି ବିଦ୍ୟୁତ୍ ସେକ୍ସନ ଯନ୍ତ୍ରୀ ବନୋଜ ନାୟକ ୨୩ ତାରିଖରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁସାରେ ଆଇଆଇସି ପାରାଓ ଟୁଡୁ ତଦନ୍ତ କରି ମଙ୍ଗଳବାର ୪ଜଣଙ୍କୁ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟ ୨ଜଣ ନାବାଳକ ହୋଇଥିବାରୁ ସେମାନଙ୍କୁ ବାଳସ୍ୱଧାର ଗୃହକୁ ପଠାଯାଇଛି। ଥାନା ଅଧୀନ ୨୨ ମୌଜା ଅଞ୍ଚଳରେ ଚୋରି ଯୋଜନାରେ ବୁଲୁଥିବା କିଛି ଅଜଣା ଯୁବକ ଚାଷୀଖଣ୍ଡଠାରେ ଭୋଜି କରୁଥିବା ଯୁବକଙ୍କ ହାବୁଡରେ ପଡିଥିଲେ। ୩ଟି ପଲସରରେ ପ୍ରାୟ ୪/୫ ଜଣ ଥିବାବେଳେ ସେଥିରୁ ଜଣକୁ ଯୁବକମାନେ କାବୁ କରିଥିଲେ। ଅନ୍ୟମାନେ ୨ ପଲସର ଛାଡି ପଳାଇଥିଲେ। ଧରାପଡିଥିବା ଯୁବକଙ୍କୁ ପଚରା ଉଚରାପରେ ସେ ଟ୍ରାନ୍ସଫରମର ଚୋରି କରିଥିବା ଜଣାପଡ଼ିଥିଲା। ପରେ ପୋଲିସ ତାଙ୍କୁ ଧରି ତଦନ୍ତ କରିଥିଲା। ତଦନ୍ତବେଳେ ବାରିପଦା ଥାନା ଜମୁନାଦେଇପୁରର ରାହୁଲ ଧଡ଼ା (୨୧) ଓ ବାଲିଅନ୍ତା ଥାନା କୋଠସାହିର ଶ୍ରୀଧର ଭୋଇ(୨୧)ଙ୍କ ସହ ଅନ୍ୟ ୨ଜଣଙ୍କୁ ପୋଲିସ ଉଠାଇ ଆଣିଥିଲା। ଏମାନେ ଟ୍ରାନ୍ସଫରମର ଚୋରିରେ ସମ୍ପୃକ୍ତ ଥିବା ଜଣାପଡିବାରୁ ମାମଲା ନଂ-୧୪୭/୧୯ ରୁଜୁ ହୋଇଥିଲା।

## ପିଏଲ୍‌ଆଇ ଲାଗୁ ପାଇଁ ଦାବିପତ୍ର

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପର କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ, ଦୁର୍ଘଟଣା ଦ୍ୱାରା ଅନେକ ଧନଜୀବନ ହାନି ହେଉଛି। ଏଥିପାଇଁ ସମୂହବୀମା ପିଏଲ୍‌ଆଇ (ପବ୍ଲିକ୍ ଲାଇବିଲିଟି ଇନ୍ସ୍ୟୁରାନ୍ସ) ପ୍ରତ୍ୟେକ ଉଦ୍ୟୋଗ କରିବା କଥା। କିନ୍ତୁ କେହି ପିଏଲ୍‌ଆଇ କରିନାହାନ୍ତି। ଏହି ପିଏଲ୍‌ଆଇକୁ ବାଧ୍ୟତାମୂଳକ କରିବା ପାଇଁ ମଙ୍ଗଳବାର ଏକ ସ୍ୱେଚ୍ଛାସେବୀ ସଂଗଠନ ଜିଲା ପ୍ରଶାସନକୁ ଦାବିପତ୍ର ଦେଇଛି। ଏନେଇ ସଂଗଠନର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଯାଇ ଏଡିଏମ୍ କାହ୍ନୁଚରଣ ଧୀରଙ୍କୁ ଦାବିପତ୍ର ଦେଇଥିଲେ।

### ପିପିଟିର ସମ୍ବିଧାନ ଦିବସ ପାଳିତ

## ସମ୍ବିଧାନର ଅଖଣ୍ଡତା ବଜାୟ ରହିଛି

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବନ୍ଦର ସଚିବ ବିମଳ କୁମାର ଝାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦରର ସମସ୍ତ ବିଭାଗର ମୁଖ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ୧୯୪୯ ନଭେମ୍ବର ୨୬ରେ ଭାରତର ସମ୍ବିଧାନ ପ୍ରଣୟନ ସଭା ଏହାକୁ ଅନୁମୋଦନ କରିଥିଲା। ୧୯୫୦ ଜାନୁୟାରୀ ୨୬ରେ ଏହା କାର୍ଯ୍ୟକାରୀ ହୋଇଥିଲା। ଦେଶର ସମ୍ବିଧାନ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର, ସାର୍ବଭୌମତ୍ୱ, ସ୍ୱାଧୀନ ଓ ସଂଘୀୟ ବ୍ୟବସ୍ଥାରେ ପରିଚାଳିତ। ଗତ ୬୯ ବର୍ଷ ସମ୍ବିଧାନକୁ ସରକାର ୧୦୩ ଥର ସଂଶୋଧିତ କରିଛନ୍ତି। ଏହାସତ୍ତ୍ୱେ ଏହାର ଅଖଣ୍ଡତା ବଜାୟ ରହିଛି ବୋଲି ବକ୍ତାମାନେ କହିଥିଲେ। ସମ୍ବିଧାନ ପ୍ରତି ସମସ୍ତେ ସମ୍ମାନ ଦେବା ବାଞ୍ଛନୀୟ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସବୁ ବିଭାଗର ଅଧିକାରୀ ବକ୍ତବ୍ୟ ରଖିଥିଲେ।

## ନବନିର୍ମାଣ କୃଷକ ସଂଗଠନର ସମାବେଶ

**ତିର୍ତ୍ତୋଲ,୨୭।୧୧(ଡି.ଏନ.ଏ.)**



ସଂଗଠନ ସମାବେଶରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଚାଷୀ ନେତା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀରୁ ଆରମ୍ଭ ହୋଇଥିବା ଚାଷୀ ସୁରକ୍ଷା ଯାତ୍ରା ଇବ୍ରିସିଂ ପଞ୍ଚାୟତରେ ପହଞ୍ଚିଛି। ଏହି ଉପଲକ୍ଷେ ଇବ୍ରିସିଂ ପଞ୍ଚାୟତ ଗାଇଦଣ୍ଡାଠାରେ ସଙ୍ଗଠନ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ହେଁ କୃଷକମାନେ କୃଷିରେ ବାରମ୍ବାର କ୍ଷତି ସହି ଆତ୍ମହତ୍ୟା କରିଆସୁଛନ୍ତି। ଏହାର କାରଣ ଚାଷୀମାନେ ଅସଂଗଠିତ। କିନ୍ତୁ ନବନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ଏବେ ସଂଗଠିତ ବର୍ଗରେ ପରିଣତ କରିବା ପାଇଁ ଉଦ୍ୟମ କରୁଛି। ୬ ମାସ ଭିତରେ ଯଦି ଚାଷୀ ପେନସନ ଲାଗୁ ନ ହୁଏ ତେବେ ଅଘୋଷିତ ଜରୁରିକାଳିନ ସ୍ଥିତି ଜାରି କରାଯିବ। ସଂଗଠନ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଚାଷୀଙ୍କ ନାଯ୍ୟ ଦାବି ପୂରଣ ପାଇଁ ଗାଁଗାଁରେ ସମାବେଶ ଚାଲିଛି। ଆଗାମୀ ୨୯ ତାରିଖରେ ଜଗତ୍‌ସିଂହପୁରଠାରେ ବାଷୀ ସମାବେଶ ଅନୁଷ୍ଠିତ ହେବ। ତେଣୁ ଏଥିରେ ସମସ୍ତ ଚାଷୀ ଯୋଗଦେବାକୁ ଆହ୍ୱାନ କରିଥିଲେ। ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ ନବୀନ ସରକାର ନିର୍ବାଚନ ସମୟରେ ଯୋଗ୍ୟ ଚାଷୀଙ୍କୁ କାଳିଆ ଟଙ୍କା ସରକାର ଗଠନର ୨୪ଘଣ୍ଟା ମଧ୍ୟରେ ପ୍ରଦାନ କରାଯିବ ବୋଲି କହିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଜନସାଧାରଣଙ୍କୁ ଏହା ଦିଆଯାଇନାହିଁ। ନବୀନ ସରକାରଙ୍କ ଏହି ବିଶ୍ୱାସଘାତ ବିରୋଧରେ ଚାଷୀ ମେଳି ହେବା ପାଇଁ ଆହ୍ୱାନ ଦେଇଥିଲେ। ସମାବେଶରେ ନାଗବାବୁ ସଭାପତିତ୍ୱ କରିଥିବାବେଳେ ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ଇବ୍ରିସିଂ ପଞ୍ଚାୟତ ସଂଯୋଜକ ନାରାୟଣ ସାହୁ, ସଂଯୋଜକ ଶିଖର ବାରିକ, ଗୌରଚନ୍ଦ୍ର ସ୍ୱାଇଁ, ସୁନାକର ନାୟକ, ରାଜ୍ୟ କମିଟି ସଭ୍ୟ ପ୍ରସନ୍ନ କୁଅଁର, ଦେବୀପ୍ରସାଦ ମହାରଣା, ମନୋଜ ପଟ୍ଟନାୟକ, ଦେବଦତ୍ତ ସାହୁ, ବ୍ଲକ ସହସଂଯୋଜକ ଅଶୋକ ବାରିକ, ସାରଦା ନାୟକ, ରାଜକିଶୋର ସାହୁ, ପ୍ରମୋଦ ତ୍ରିପାଠୀ, ବିଜୟ ଦାସ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ବୀରେନ ମିତ୍ରଙ୍କ ଜୟନ୍ତୀ


ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଥିବା ଶୁଭେଚ୍ଛୁ।

**ରଘୁନାଥପୁର,୨୭।୧୧(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ବୀରେନ ମିତ୍ର ଗୋଷ୍ଠୀ କେନ୍ଦ୍ରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିରେନବାବୁଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ସାହୁଙ୍କ ପରିଚାଳନାରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ମାଟିରେ ଜନ୍ମ ନେଇ ସାରାରାଜ୍ୟ ପାଇଁ କାର୍ଯ୍ୟ କରିଥିବା ବୀରେନବାବୁଙ୍କ ପାଇଁ ଆମେ ଗର୍ବିତ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ତାରପୁର ସରପଞ୍ଚ ସରୋଜ କୁମାର ଦାସ ଗରିବ ଅସହାୟଙ୍କ ପାଇଁ ବୀରେନବାବୁ ଦରଦି ବନ୍ଧୁ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ରାଧାକାନ୍ତ ମହାନ୍ତି, ଅନାଦି ଚରଣ ଦାସ, ବିଶ୍ୱନାଥ ମହାପାତ୍ର, ଶିକ୍ଷକ ଅଂଶୁମାନ ଅଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ସରୋଜକାନ୍ତ ସ୍ୱାଇଁ, ଶିକ୍ଷୟିତ୍ରୀ ମୀନାକ୍ଷି ପଣ୍ଡା, ମନୋରମା ଦାଶ, ବୀଣାପାଣି ଶତପଥୀ ପ୍ରମୁଖ ବୀରେନବାବୁଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ଯୋଗଦେଇ ବୀରେନବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

### ଆନ୍ତଃଜିଲା ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ମହିଳାରେ କିଟ୍, ପୁରୁଷରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

**ପାରାଦୀପ,୨୭।୧୧(ସ୍ୱ.ପ୍ର.)**

ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ୨୩ରୁ ଚାଲିଥିବା ଆନ୍ତଃଜିଲା ଭଲିବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ରାତିରେ ଶେଷ ହୋଇଛି। ଏଥିରେ ମହିଳା ବିଭାଗରେ କିଟ୍ ଭୁବନେଶ୍ୱର ଓ ପୁରୁଷ ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଛି। ମହିଳାବର୍ଗର ଫାଇନାଲ ମ୍ୟାଚ କିଟ୍ ଓ ଇଷ୍ଟକୋଷ୍ଟ ମଧ୍ୟରେ ହୋଇଥିଲା। ଏଥିରେ କିଟ୍ ଚାମ୍ପିୟନ ହୋଇଥିବା ବେଳେ ଇଷ୍ଟକୋଷ୍ଟ ରନର୍ସଅପ ହୋଇଛି। ୩ୟ ସ୍ଥାନରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ରହିଛି। ସେହିପରି ପୁରୁଷ ବର୍ଗର ଫାଇନାଲ ମ୍ୟାଚ ଇଷ୍ଟକୋଷ୍ଟ ରେଲୱେ ଓ ଭୁବନେଶ୍ୱର ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଭୁବନେଶ୍ୱର ରନର୍ସଅପ ହୋଇଥିବା ବେଳେ ଓଡ଼ିଶା ପୋଲିସ ୩ୟ ସ୍ଥାନରେ ରହିଥିଲା। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ କାହ୍ନୁଚରଣ ଧୀର, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପୌରନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ଓଡ଼ିଶା ଭଲିବଲ ସଂଘ ସଭାପତି ସଞ୍ଜୟ କୁମାର ଦାସ, ବବଲୁ ସିକ୍‌ଦାର, ଏସ.କେ. ମିଶ୍ର ଓ ରବିଦାସ ପ୍ରମୁଖ ଉପସ୍ଥିତ ରହି ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ପାରଦୀପ ବନ୍ଦର ସ୍ପୋର୍ଟକାଉନସିଲ ପକ୍ଷରୁ ଆୟୋଜିତ ଏହି ୪ ଦିନିଆ ଟୁର୍ନାମେଣ୍ଟରେ ୪୬ ଟିମ୍ ଭାଗ ନେଇଥିଲେ। ସେଥିରୁ ମହିଳାବର୍ଗରେ ୧୪ ଓ ପୁରୁଷବର୍ଗରେ ୩୨ ଟିମ୍ ଥିଲେ। ଟୁର୍ନାମେଣ୍ଟରେ ସମୁଦାୟ ୧୧୦ଟି ମ୍ୟାଚ ହୋଇଥିଲା।







ଚାମ୍ପିୟନ୍ ମହିଳା ଓ ପୁରୁଷ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ମଦ ବିକ୍ରି ବନ୍ଦ ଦାବିରେ ବିକ୍ଷୋଭ

**ମହାକାଳପଡ଼ା, ୨୭।୧୧ (ଡି.ଏନ୍.ଏ.)**

ପ୍ରତି ଗାଁରେ ମଦ ବିକ୍ରି ଓ ରନ୍ଧାମଦ ତିଆରି ବୃଦ୍ଧି ପାଉଛି। ଏଥିଯୋଗୁ ଘରୋଇ ହିଂସା ବଢୁଥିବା ବେଳେ ଯୁବପିଢ଼ି ନିଶା କବଳରେ ପଡୁଛନ୍ତି। ଦେଶୀ, ବିଦେଶୀ ମଦ ସାଙ୍ଗକୁ ରନ୍ଧା ମଦ ବିକ୍ରି ପ୍ରତିବାଦରେ ମହାକାଳପଡ଼ା ବ୍ଲକର ମଙ୍ଗଳପୁର-ବରକନ୍ଦା ପଞ୍ଚାୟତର ସୀମାବର୍ତ୍ତୀ ଗ୍ରାମ ଗୁହାଳକଣୀ ଗ୍ରାମ ଛକଠାରେ

**ଗୁହାଳକଣୀ ଗ୍ରାମ ଛକଠାରେ ଟାୟାର ଜାଳି ରାସ୍ତାରୋକୋ**

ମହିଳାମାନେ ବୁଧବାର ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳରେ ମଦ ବିକ୍ରି ବନ୍ଦ ନେଇ ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିକଟସ୍ଥ ଛେଡ଼ାକଣୀ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବନଲତା ରାଉଳ, ଚୁନିଲତା ରାଉଳ, ସୁକାନ୍ତି ପରିଡ଼ା, ସାରଥି ରାଉଳ, ଭାରତୀ ସ୍ୱାଇଁ, ଅଞ୍ଜଳି ରାଉଳ, ଗୀତାଞ୍ଜଳି ରାଉତ, ମଞ୍ଜୁଲତା ସେଠୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ରାଜକିଶୋର ନାୟକ, ପ୍ରଣୟ ପରିଡ଼ା, ଅମୂଲ୍ୟ ରାଉତ, ପିଣ୍ଟୁ ରାଉଳ, ଲିଟୁ ନାୟକ ଓ ଚଗଲି ନାଉରୀ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିଶ୍ୱବିଜୟୀ ବେହେରା କହିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କେହି ପ୍ରଶାସନିକ ଅଧିକାରୀ ବିକ୍ଷୋଭ ସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।



ମହିଳାମାନେ ରାସ୍ତାରୋକୋ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ମହାକାଳପଡ଼ା, ୨୭।୧୧ (ଡି.ଏନ୍.ଏ.):** ମହାକାଳପଡ଼ା ପଞ୍ଚାୟତ ଅଧୀନ ଜଅାଁରା ଗ୍ରାମର ପ୍ରମୋଦ ସାହୁଙ୍କ ପୁଅ ପ୍ରଶାନ୍ତ (୨୨)ଙ୍କ ଝୁଲନ୍ତା ମୃତଦେହ ବୁଧବାର ତାଙ୍କ ଶୋଇବା ଘରୁ ଉଦ୍ଧାର କରାଯାଇଛି। ସେହି ଘରୁ ଏକ ଅଜଣା ମୋବାଇଲ୍, ଦାନାଦାର ଜରି ଓ ମଦ ବୋତଲ ମଧ ପଡ଼ିଥିବା ପରିବାର ଲୋକେ କହିଛନ୍ତି। ତେବେ ସେହି ଗ୍ରାମର ଅଶୋକ ପରିଡ଼ା (୪୨) ପ୍ରଶାନ୍ତଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ଦାଦା ପ୍ରଦୀପ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଅଶୋକ ଗତ କିଛିଦିନ ହେବ ରାତିରେ ପ୍ରଶାନ୍ତଙ୍କ ଘରେ ଶୋଉଥିଲେ। ମଙ୍ଗଳବାର ରାତିରେ ପ୍ରଶାନ୍ତ ଘରେ ଖାଇପିଇ ଶୋଇଥିବା ବେଳେ ବୁଧବାର ସକାଳୁ ତାଙ୍କ ଘର ଆଗରେ ଅଶୋକଙ୍କ ବାଇକ୍ ରହିଥିବା ଗ୍ରାମବାସୀ ଦେଖିଥିଲେ। ହେଲେ ଘର ଭିତରେ ଅଶୋକ ଶୋଇ ନ ଥିବା ବେଳେ ପ୍ରଶାନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ତେଣୁ ପ୍ରଶାନ୍ତଙ୍କ ମୃତ୍ୟୁରେ ଅଶୋକଙ୍କ ସମ୍ପୃକ୍ତି ଥିବା ପ୍ରଦୀପ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ୧୪୩/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

### ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ସାନପୁଅ, ବୋହୂ ହତ୍ୟା କରିଥିବା ଅଭିଯୋଗ**

**ମହାକାଳପଡ଼ା, ୨୭।୧୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଅଧୀନ ବଳିପାଳ ପଞ୍ଚାୟତ ବଳିପାଳ ଗ୍ରାମର ଦୟାନିଧି ପ୍ରଧାନ (୮୫)ଙ୍କ ମୃତଦେହ ନିକଟସ୍ଥ ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ବୃଦ୍ଧଙ୍କ ହାତଗୋଡ଼ ବନ୍ଧା ଯାଇ ଫୋପଡ଼ା ଯାଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ବଡ଼ପୁଅ ଶରତ। ଶରତଙ୍କ ଅଭିଯୋଗ ଅନୁସାରେ, ତାଙ୍କ ସାନ ଭାଇ ରାମଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ରଶ୍ମିତା ଅନ୍ୟ କେତେଜଣଙ୍କ ସହଯୋଗରେ ମଙ୍ଗଳବାର ଦୟାନିଧିଙ୍କୁ ହତ୍ୟା କରିବା ପରେ ପୋଖରୀରେ ଫିଙ୍ଗି ଦେଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ୧୪୪/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ହାତୀପଲ ଦଳିଦେଲେ, ମହିଳାଙ୍କ ମୃତ୍ୟୁ

**ରଣପୁର,୨୭।୧୧(ସ୍ୱ.ପ୍ର.):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ରେଞ୍ଜର ବନ୍ଦପଲ୍ଲୀ ପାଟଣାସାହି ଗାଁ ମୁଣ୍ଡ ରାସ୍ତାରେ ବୁଧବାର ହାତୀପଲ ଜଣେ ମହିଳାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଭଜାଗଡ ଗାଁର ସ୍ୱର୍ଗତ ତାରେଶ୍ୱର ଯୁଝାରସିଂଙ୍କ ସ୍ତ୍ରୀ ମୋତି (୫୫)। ମୋତି ମଙ୍ଗଳବାର ନିଜ ଝିଅ ଘର ନୟାଗଡ଼ ଜିଲା ଚାନ୍ଦପୁର ଥାନା ମୁକ୍ତାପୁର ଗାଁକୁ ଯାଇଥିଲେ। ବୁଧବାର ସକାଳେ ସେ ଭଜାଗଡ ଫେରୁଥିବାବେଳେ ୧୪ ଜଣିଆ ହାତୀପଲ ହାବୁଡରେ ପଡିଥିଲେ। ହାତୀ ଆକ୍ରମଣରେ ତାଙ୍କ ମୃତଦେହ ମାଂସ ପିଣ୍ଡୁଳା ପରି ପଡିରହିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ହାତୀଙ୍କୁ ଘଉଡାଇବା ସହ ବନବିଭାଗକୁ ଖବର ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ହାତୀପଲଙ୍କୁ ଘଉଡାଇବା ପାଇଁ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ରଣପୁର ରେଞ୍ଜର ଶରତ କୁମାର ଶତପଥୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଚାନ୍ଦପୁର ଥାନା ଏସ୍ଆଇ ଏସ୍ଏସ୍ ହରୋ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନାରେ ୮/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଗହଣା ଚୋର ଗିରଫ

**ରାଜନଗର,୨୭।୧୧(ଡି.ଏନ.ଏ.):** ରାଜନଗର ବଜାରରେ ଥିବା ଗର୍ଜ୍ଜନପୁର ଗାଁର ବିଦ୍ୟାଧର ଦାସଙ୍କ ଗହଣା ଦୋକାନରୁ ସୁନାଗହଣା ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କାଠିଆପଡା ଗାଁର ନକୁଳ ସାହୁ (୩୫) କିଛି ଦିନ ପୂର୍ବେ ବିଦ୍ୟାଧରଙ୍କ ଦୋକାନରେ ଗହଣା ଦେଖିବା ସମୟରେ ପ୍ରାୟ ୨୦ହଜାର ଟଙ୍କାର ସୁନାଗହଣା ଚୋରି କରି ନେଇଥିଲେ। ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ରାଜନଗର ପୋଲିସ ପଟ୍ଟାମୁଣ୍ଡାଇ ପୋଲିସ ସହାୟତାରେ ମଙ୍ଗଳବାର ନକୁଳଙ୍କୁ ପଟ୍ଟାମୁଣ୍ଡାଇରୁ ଗିରଫ କରିଛି। ଏ ନେଇ ରାଜନଗର ଥାନାରେ ୨୨୪/୨୦୧୯ନଂରେ ମାମଲା ରୁଜୁ ହୋଇଛି।

## ଅଣ୍ଡରା ସରପଞ୍ଚ ଉପ ନିର୍ବାଚନ ଶେଷ

# ଭୋଟ୍ ବାକ୍ସରେ ୫ ପ୍ରାର୍ଥୀଙ୍କ ଭାଗ୍ୟ

**ପଟ୍ଟାମୁଣ୍ଡାଇ, ୨୭।୧୧ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ବୁଧବାର ଉପନିର୍ବାଚନ ଶୃଙ୍ଖଳାର ସହ ଶେଷ ହୋଇଛି। ଗୁରୁବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଭୋଟ ଗଣତି କରାଯିବ। ୧୫ଟି ୱାର୍ଡ ବିଶିଷ୍ଟ ଉକ୍ତ ପଞ୍ଚାୟତରେ ୫୨ ପ୍ରତିଶତ ଭୋଟ୍ ଗ୍ରହଣ ହୋଇଛି। ତେବେ ସରପଞ୍ଚ ପଦ ହାତେଇବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୫ ପ୍ରାର୍ଥୀ ଅଶୋକ କୁମାର ମଲ୍ଲିକ, ଅଭୟ କୁମାର ସ୍ୱାଇଁ, ଅନ୍ନପୂର୍ଣ୍ଣା ମଲ୍ଲିକ, ରଶ୍ମିତା ନାୟକ ଓ ପ୍ରଭାକର ଜେନାଙ୍କ ଭାଗ୍ୟ ଭୋଟ୍ ବାକ୍ସରେ ସିଲ୍ ହୋଇରହିଛି।

ସୂଚନାଥାଉ କି, ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ଦୁଇରୁ ଅଧିକ ସନ୍ତାନ ଥିବାରୁ ତତ୍କାଳୀନ ଜିଲାପାଳ ତାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ। ୧୫ଟି ୱାର୍ଡରେ ହୋଇଥିବା ବୁଥ୍‌ରେ ସମୁଦାୟ ୪୨୮୪ ଭୋଟରଙ୍କ ମଧ୍ୟରୁ ୨୨୩୪ ଜଣ ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ପ୍ରତି ବୁଥ୍‌ରେ ୪ଜଣ ପ୍ରିଜାଇଡିଂ ଅଫିସର୍, ପୋଲିଂ ଅଫିସର ଭୋଟ୍ ଗ୍ରହଣ କରୁଥିବା ବେଳେ ଶୃଙ୍ଖଳା ପାଇଁ ପ୍ରତି ବୁଥ୍‌ରେ ପୋଲିସ୍ ଫୋର୍ସ ନିୟୋଜିତ ହୋଇଥିଲେ। ଭୋଟ୍ ବାକ୍ସଗୁଡିକୁ ବ୍ଲକ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ତେବେ ଭୋଟ ବାକ୍ସରେ ହେର୍‌ଫେର୍ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ବିଡିଓ ପବିତ୍ରମୋହନ କାନୁନ୍‌ଗୋ ଓ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି।

# ୨ ଟ୍ରଲର ଜବତ, ୧୮ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୭।୧୧ (ଡି.ଏନ.ଏ.):** ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଦୁଇଟି ଟ୍ରଲରକୁ ବନବିଭାଗ ପାଟ୍ରୋଲିଂ ଟିମ୍ ବୁଧବାର ଜବତ କରିଛି । ଏଥିରେ ଥିବା ୧୮ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ହବାଳିଖଟି ନିକଟରେ ନିୟୁ ଜନନୀ – ୩୬ ଓ ପ୍ରିୟା –୨ ନାମକ ଦୁଇଟି ଟ୍ରଲରକୁ ଜବତ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ଏହି ଟ୍ରଲରକୁ ଜବତ କରିଛନ୍ତି।

# ଅଧ୍ୟକ୍ଷାଙ୍କ ବଦଳି ଦାବି, ୭ମ ଦିନରେ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

**ଡେରାବିଶ ୨୭।୧୧ (ସ୍ୱପ୍ର):** ଡେରାବିଶ ବ୍ଲକ ବାଲିଆସ୍ଥିତ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷାଙ୍କ ବଦଳି ଦାବିରେ ଦେଇଥିବା ଧାରଣା ବୁଧବାର ୭ଦିନରେ ପହଞ୍ଚିଛି। ଜିଲା ପ୍ରଶାସନ, ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶକଙ୍କ ସମେତ କେନ୍ଦ୍ରାପଡ଼ାର ବିଧାୟକ ଏ ସମ୍ପର୍କରେ ଅବଗତ ଥିଲେ ଉକ୍ତ ଶିକ୍ଷା ପ୍ରତିଷ୍ଠାନରେ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଛି। ତେବେ ଉକ୍ତ ପ୍ରତିଷ୍ଠାନର କେତଜଣ କର୍ମଚାରୀ ପ୍ରେରଣା ସ୍କଲାରସିପ୍ ପାଇବାକୁ ଛାତ୍ରୀଛାତ୍ରମାନଙ୍କୁ ଧାରଣାରେ ବସିଲେ ଅର୍ଥରାଶି ଦିଆଯିବ ନାହିଁ ବୋଲି ଧମକ ଦେଉଥିବା ଅଭିଯୋଗ ହୋଇଛି। ଏଥିସହ ବୁଧବାର ଜଣେ ଅଣଛାତ୍ର ମଦ୍ୟପାନ କରି ଧାରଣାରତ ଛାତ୍ରୀଛାତ୍ରମାନଙ୍କୁ ମାଡ଼ ମାରିବାକୁ ଧମକ ଦେଇଥିବା ଛାତ୍ରଛାତ୍ରୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷେ ପ୍ରତିଷ୍ଠାନର ଅଧ୍ୟକ୍ଷାଙ୍କୁ ଏ ସମ୍ପର୍କରେ ପଚାରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କିଛି କହି ହେବନାହିଁ ବୋଲି କହିଛନ୍ତି।

# କିଶୋରନଗରକୁ ହରାଇଲା ରାଜକନିକା



ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ରିକେଟ୍ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ମାର୍ଶାଘାଇ, ୨୭।୧୧ (ଡି.ଏନ୍.ଏ.):** ମାର୍ଶାଘାଇ ମହାବିଦ୍ୟାଳୟ ପଡ଼ିଆରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ଆନ୍ତ ମହାବିଦ୍ୟାଳୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ କିଶୋରନଗର ଓ ରାଜକନିକା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜକନିକା ଟିମ୍ କିଶୋର ନଗରକୁ ୭ ଉଇକେଟ୍‌ରେ ହରାଇ ବିଜେୟୀ ହୋଇଛି। ପ୍ରାକ୍ତନ ଛାତ୍ର ପ୍ଲାବନ ସ୍ୱାଇଁ ଏବଂ ଅଭୟ କର ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି। ଡିସେମ୍ବର ୭ ତାରିଖରେ ଉଦ୍‌ଯାପିତ ହେବ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅମିୟ କୁମାର ଜେନା ମଙ୍ଗଳବାର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ କ୍ରୀଡ଼ା ଅଧ୍ୟାପକ ଭ୍ରମରବର ନାୟକ, ଅଧ୍ୟାପକ ଲଳିତ ମୋହନ ଦାସ, ଓଡ଼ିଆ ଅଧ୍ୟାପକ ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ନାମରେ ନକଲି ଆକାଉଣ୍ଟ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୨୭।୧୧:** ସାଇବର କ୍ରାଇମର ଶିକାର ହୋଇଛନ୍ତି କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା । ସାମାଜିକ ଗଣମାଧ୍ୟମରେ ଜିଲାପାଳଙ୍କର ନକଲି ଆକାଉଣ୍ଟ ଖୋଲା ଯାଇଥିବା ଜଣାପଡ଼ିଛି। ଜିଲାପାଳ ବର୍ମା ବୁଧବାର ଏ ସମ୍ପର୍କରେ ଏସପି ନୀତିଶେଖରଙ୍କୁ ସୂଚନା ଦେଇ ତଦନ୍ତ ଦାବି କରିଛନ୍ତି । କେନ୍ଦ୍ରାପଡା ଜିଲାପାଳ ଭାବେ ବର୍ମାଙ୍କର ଫେସବୁକ୍‌ରେ ଆକାଉଣ୍ଟ ଅଛି । କେହି ଜଣେ ଫଟୋ ସହିତ ତାଙ୍କ ନାମରେ ଏକ ଆଇଡି ଖୋଲି ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇବାରେ ଲାଗିଛନ୍ତି। ଏହାର ସ୍କ୍ରିନସଟ ଜିଲାପାଳ ଏସପି ନୀତିଶେଖରଙ୍କୁ ଦେଇଥିଲେ। ଏ ନେଇ ଏସପି କହିଛନ୍ତି ଯେ, ଏହି ସାଇବର କ୍ରାଇମରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

# ୬ ପରିବାରଙ୍କୁ ସାମାଜିକ ବାସନ୍ଦ ଅଭିଯୋଗ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମୂଷାଡ଼ିହା ଗ୍ରାମବାସୀ।

**କେନ୍ଦ୍ରାପଡା ଅଫିସ,୨୭।୧୧**

ପାଟକୁରା ଥାନା ମୂଷାଡିହା ଗ୍ରାମର ୬ ପରିବାରଙ୍କୁ ସାମାଜିକ ବାସନ୍ଦ କରାଯାଇଛି । ଚାନ୍ଦା ନ ଦେବାରୁ ଏପରି କରାଯାଇଥିବା ବେଳେ ୨୦୧୭ ମସିହାରୁ ଏହି ପରିବାରଗୁଡିକ ଗ୍ରାମ ଛାଡି ବାହାରେ ରହୁଛନ୍ତି । ତେବେ ଏହି ପରିବାର ସଦସ୍ୟଙ୍କୁ ଜୀବନରୁ ମାରି ଦେବା ଧମକ ଆସୁଛି ବୋଲି ଜିଲାପାଳଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଅଭିଯୋଗକାରୀ ନିତ୍ୟାନନ୍ଦ ଦାଶ କହିଛନ୍ତି ଯେ, ଗ୍ରାମର କେତେକ ଯୁବକ ଚାନ୍ଦା ମଗାକୁ ନେଇ ସେମାନଙ୍କୁ ମାରଧର କରିଥିଲେ । ଏଥିସହିତ ଘରର ଆସବାବପତ୍ର ନଷ୍ଟ କରି ଦେଇଥିଲେ । ଏପରି କି ଗ୍ରାମ ମଧ୍ୟରେ ରହିଲେ ଜୀବନରୁ ମାରି ଦେବେ ବୋଲି ବାରମ୍ବାର ଧମକ ଦିଆଯାଉଛି । ଏନେଇ ପାଟକୁରା ଥାନାରେ ୩ଟି ମାମଲା ପଞ୍ଜୀକୃତ ହୋଇଥିଲେ ମଧ୍ୟ ନ୍ୟାୟ ମିଳିପାରି ନାହିଁ । ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆମରଣ ଅନଶନ କରିବେ ବୋଲି ଅଭିଯୋଗକାରୀ ଦାଶ କହିଛନ୍ତି । ଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦେବା ପାଇଁ ନିତ୍ୟାନନ୍ଦଙ୍କ ସମେତ ଅଶୋକ କୁମାର ଦାଶ, ପ୍ରଫୁଲ୍ଲ କୁମାର ନାୟକ, ଗୌରାଙ୍ଗ ଚରଣ ଦାଶ, ସୌମ୍ୟରଞ୍ଜନ ଦାଶ, ଭ୍ରମରବର ଦାଶଙ୍କ ପରିବାର ସାମିଲ ହୋଇଥିଲେ । ଜିଲାପାଳ ସମର୍ଥ ବର୍ମା ଏହି ଘଟଣାର ତୁରନ୍ତ ତଦନ୍ତ କରିବା ପାଇଁ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**‘ଅକଳରେ ଅର୍ଥନୀତି’**

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ ‘ଅକଳରେ ଅର୍ଥନୀତି’। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ୱେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ଯାଜପୁର/ନୟାଗଡ଼:** ଅଜୟ ଯାଦବ(୭୬୦୮୯୯୮୬୦୧), **କେନ୍ଦ୍ରାପଡ଼ା:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ଜଗତ୍‌ସିଂହପୁର:** ଦେବରାଜ ସାମଲ(୯୩୩୭୩୫୫୦୫୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଶିଶୁଟିର ଭବିଷ୍ୟତକୁ ସବୁବେଳେ ମାଆ ହିଁ ରୂପ ଦେଇଥାଏ।
- ନେପୋଲିୟନ



## ସଂକ୍ଷେପରେ

### ସୁନେତ୍ର ଯୋଜନାରେ ୧୨୭ ଜଣଙ୍କ ଚକ୍ଷୁ ପରୀକ୍ଷା

**ରସୁଲପୁର,୨୭।୧୧(ଡିଏନଏ):** ରସୁଲପୁର ବ୍ଲକ ଖଣ୍ଡିତର ନୋଡାଲ ହାଇସ୍କୁଲ ପରିସରରେ ବୁଧବାର ତୃତୀୟ ଦଫାରେ ବିଦ୍ୟାର୍ଥୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି। ଏହି ଶିବିରରେ ୧୨୭ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୪୪ଜଣଙ୍କର ଦୃଷ୍ଟିଦୋଷ ଥିବାରୁ ସେମାନଙ୍କୁ ଚଷମା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇ ଥିଲା। ୧୫ଜଣ ପିଲାଙ୍କ ଆଖିରେ ବିଶେଷ ତ୍ରୁଟି ଥିବାରୁ ସେମାନଙ୍କୁ ଅନ୍ୟତ୍ର ଉନ୍ନତ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା। ଶିବିରରେ ଚିକିତ୍ସା ପ୍ରଦାନ ଜ୍ଞାନକୌଶଳ ଉପଲବ୍ଧ ନ ଥିବାରୁ ସେମାନଙ୍କୁ ଅନ୍ୟତ୍ର ପଠାଇ ଦିଆଯାଇଛି। ଶିବିରକୁ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସହକାରୀ ବ୍ଲକ ଅଧିକାରୀ ଭିକାରୀ ଚରଣ କବି, ବ୍ଲକ ସମ୍ବଳ ଅଧିକାରୀ ରାମଚନ୍ଦ୍ର ମହାକୁଡ, ସିଆରସିସି ବିମଳ କୁମାର ନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର, ଶିକ୍ଷକ ସୁନନ୍ଦ କୁମାର ରାଉତ, ଅରୁଣ କୁମାର ସ୍ୱାଇଁ, ଅନାଦି ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦୁଇଜଣ ଆଖି ବିଶେଷଜ୍ଞ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ବିଦ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ସହାୟତା ପ୍ରଦାନ କରିଥିଲେ।

### ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୭।୧୧ (ଡ଼ି.ଏନ.ଏ):** ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଚଳିତ ବର୍ଷ ଅନୁଷ୍ଠିତ ହେବ। ଏଥିପାଇଁ ଡିସେମ୍ବର ୧୭ ଓ ୧୮ରେ ଦୁଇଦିନ ଧରି କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିରୀକୃତ ହୋଇଛି। ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ଏହି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମୁଖ୍ୟଅତିଥିଭାବେ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ବୁଧବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ତଥା ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ସାମଲ, ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି, ଅଭ୍ୟର୍ଥନା କମିଟି କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ସଞ୍ଜୟ କୁମାର ସାହୁ, ଉପସଭାପତି ମନୋଜ କୁମାର ପରିଡ଼ା, ମନ୍ମଥ କେଶରୀ ସାହେବରାୟ, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାମଲ, ଅଶୋକ ସିଂହ, ପତ୍ରିକା ସ୍ମରଣିକା କମିଟି ଶିଶୁ ସାହିତ୍ୟିକ ସରୋଜକାନ୍ତ ପରିଜା, ସଦସ୍ୟ ଶିକ୍ଷୟିତ୍ରୀ ଅମ୍ରିତା ସିଂହ, ଏକାଦଶୀ ସେଠୀ, କୋଷାଧ୍ୟକ୍ଷ ନିହାର ପରିଡ଼ାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୋରେଇ ବ୍ଲକରେ ବ୍ୟାପକ ହେରଫେର

# ଏଲ୍‌ଏଫ୍‌ଏରେ ୩୩ ମାମଲା ରୁଜୁ

- ସରପଞ୍ଚ, ସମ୍ପାଦକ, ବିଡିଓ, ଭିଏଲ୍‌ଡବ୍ଲ୍ୟୁଙ୍କ ସମ୍ପୃକ୍ତି
- କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୭।୧୧**

ଯାଜପୁର ଜିଲା କୋରେଇ ବ୍ଲକରେ ବିଭିନ୍ନ ଜନହିତକର ଯୋଜନାରେ କୋଟି କୋଟି ଟଙ୍କାର ହେରାଫେରି ହୋଇଛି। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅନୁଦାନକୁ ଲୁଟିଛନ୍ତି ଗ୍ରାମ ପଞ୍ଚାୟତର ମୋଟ ୩୩ଜଣ ସରପଞ୍ଚ, ସମ୍ପାଦକ, ବିଡିଓ ଓ ଭିଏଲ୍‌ଡବ୍ଲ୍ୟୁ। ହରିଲୁଟକୁ ଆଖିବୁଜି ସହି ଯାଇଛନ୍ତି କେତେଜଣ ବିଭାଗୀୟ ଅଧିକାରୀ। ଲୋକାଲ ଫଣ୍ଡ ଅଡିଟ (ଏଲ୍‌ଏଫଏ) ରିପୋର୍ଟରେ ଏହା ଧରାପଡିବା ପରେ ୩୩ଟି ଫାଇଲରେ ମାମଲା ହୋଇଛି। ଏହାପରେ ରାଜ୍ୟ ଏଲ୍‌ଏଫଏ ନିର୍ଦ୍ଦେଶାଳୟରୁ ୨୦୧୬ରୁ ୨୦୧୮ ମଧ୍ୟରେ ୩୩ଜଣ ସମ୍ପୃକ୍ତ ଦୁର୍ନୀତିଖୋର ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ, ସରଚାର୍ଜ (ଅଧିଭାର) ଆଦି ଜାରି କରାଯାଇଛି। କିନ୍ତୁ ଏଯାଏ କୌଣସି ଅନୁପାଳନ ହୋଇପାରି ନାହିଁ। ଏଣୁ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟର ଲୋକାଲ ଆକାଉଣ୍ଟ ବିଭାଗର ଡେପୁଟୀ ଏକ୍‌ଜାମିନର ଜିଲା ଅଡିଟ ଅଫିସର (ଡିଏଓ)ଙ୍କୁ ପୂର୍ବ କାରଣ ଦର୍ଶାଅ ନୋଟିସର ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କୋରେଇ ବ୍ଲକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ବ୍ୟାପକ ହେରାଫେରି ହୋଇଥିବା ଅଡିଟ ରିପୋର୍ଟରେ ଧରାପଡିଥିଲା। ଏନେଇ ୨୦୧୨ରେ ୩୩ଟି ମାମଲା ରୁଜୁ ହୋଇ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ, ସମ୍ପାଦକ, ବିଡିଓ, ଭିଏଲଡବ୍ଲ୍ୟୁ ପ୍ରମୁଖଙ୍କ ସମ୍ପୃକ୍ତି ରହିଥିଲା। ଏହିକ୍ରମରେ ରଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ସାହା, ଗୌରପୁର ସମ୍ପାଦକ ଶତ୍ରୁଘ୍ନ ସାହା, ଗୌରପୁର ସରପଞ୍ଚ ନିର୍ମଳ ତରାଇ, ଅମୃତିଆ ସରପଞ୍ଚ ନବଘନ ଦାସ, ବନ୍ଦାଲୋ ସରପଞ୍ଚ ସୁରେଖା ସେଠୀଙ୍କ ନାମରେ ଅନେକ ହେରାଫେରି ହୋଇଥିବା ଜଣାପଡ଼ିଛି। ସେହିପରି ବିଡିଓ ଶୈଳେନ୍ଦ୍ର ଦ୍ୱିବେଦୀ, ପାଣିକୋଇଲି ସରପଞ୍ଚ ବିଷ୍ଣୁଚରଣ ରାଉତ, କନ୍ତର ସରପଞ୍ଚ ନବଘନ ବାରିକ, ଧନେଶ୍ୱର ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ, ଖମଣ ସରପଞ୍ଚ କୈଳାସଚନ୍ଦ୍ର ସାହୁ, ତୁଳତି ସରପଞ୍ଚ ଅଥୟ କୁମାର ମହାନ୍ତି, ବନ୍ଦାଲୋ ଭିଏଲଡବ୍ଲ୍ୟୁ ଦେବାଶିଷ ମହାରଣା, ଅସନଝର ସରପଞ୍ଚ କାଳାନ୍ଦୀଚରଣ ସେଠୀ ଓ ସମ୍ପାଦକ ପ୍ରକାଶ କୁମାର ଜେନା, କନ୍ତର ସମ୍ପାଦକ ଚିତ୍ତରଞ୍ଜନ ରାଉତ, ପାଣିକୋଇଲି ସମ୍ପାଦକ ଶଙ୍କର୍ଷଣ ବେହେରା, ବନ୍ଦାଲୋ ଭିଏଲଡବ୍ଲ୍ୟୁ ଜଗନ୍ନାଥ ମାଝୀ ଓ ଦେବାଶିଷ ମହାରଣା, ଧନେଶ୍ୱର ସମ୍ପାଦକ ରଘୁନାଥ ମିଶ୍ର, ବନ୍ଦାଲୋ ସମ୍ପାଦକ ଜଗନ୍ନାଥ ମାଝି ପ୍ରମୁଖଙ୍କ ନାମରେ ମଧ୍ୟ ଏକାଧିକ ହେରାଫେରି ହୋଇଥିବା ଅଡିଟ ରିପୋର୍ଟରେ ଧରାପଡିଥିଲା। ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟର ଅନ୍ୟ ଏକ ନୋଟିସରେ କୋରେଇ ବ୍ଲକ ଗୋଲେଇ ପଞ୍ଚାୟତର ଭିଏଲଡବ୍ଲ୍ୟୁ ପ୍ରଭାକର ମହାନ୍ତିଙ୍କ ନାମରେ କାରଣ ଦର୍ଶାଅ ନୋଟିସ (ନଂ. ୭୬୭୭/୨୫।୬।୨୦୧୩) ଜାରି ହୋଇଥିଲା। ଏହା ମଧ୍ୟ ଅନୁପାଳନ ହୋଇ ନ ଥିବାରୁ ପୁଣି ଥରେ କାରଣ ଦର୍ଶାଅ ନୋଟିସ ଜାରି କରି ଉତ୍ତର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏନେଇ ରାଜ୍ୟ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟରୁ ଉପରୋକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଅର୍ଥ ତୋଷରପାତର ଅସୁଲି ସମ୍ପର୍କରେ ନୋଟିସ ଜାରି ହୋଇଥିଲା। ଏହି ଅଧିକାରୀଙ୍କୁ ୨୦୧୬ରେ ୨୪ଟି, ୨୦୧୭ରେ ୬ଟି ଓ ୨୦୧୮ରେ ୩ଟି କାରଣ ଦର୍ଶାଅ ନୋଟିସ ହୋଇଥିଲା। କିନ୍ତୁ କୌଣସି ଅଧିକାରୀ ଅନୁପାଳନ କରି ନ ଥିବାରୁ ଏଲ୍‌ଏଫ୍‌ଏ ନିର୍ଦ୍ଦେଶାଳୟ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ପାରି ନାହିଁ। ଏହି ମର୍ମରେ ଏଲ୍‌ଏଫ୍‌ଏର ଡେପୁଟୀ ଏକ୍‌ଜାମିନର ତାଙ୍କ ପତ୍ରସଂଖ୍ୟା ୮୪୬୬/୨୬।୧୧।୨୦୧୯ରେ ଯାଜପୁର ଏଲ୍‌ଏଫ୍‌ଏର ଡିଏଓଙ୍କୁ ପୁଣିଥରେ କାରଣ ଦର୍ଶାଅ ନୋଟିସର ସାର୍ଭ କପି ଓ ସର୍ଚ୍ଚାର୍ଜ ନିର୍ଦ୍ଦେଶ ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସମ୍ପୃକ୍ତ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ବୋଲି ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

### ବିକ୍ରମ ତିରଣ ପଞ୍ଚାୟତ ଉପନିର୍ବାଚନ ଶେଷ

**ଚଣ୍ଡିଖୋଲ,୨୭।୧୧(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ବୁଧବାର ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସରରେ ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଣ୍ଣୟ ଘୋଷଣା କରାଯିବ। ତେବେ ଏହି ପଞ୍ଚାୟତର ୧୧ଟି ବୁଥରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିଲା। ବୁଧବାର ଅନୁଷ୍ଠିତ ଉପନିର୍ବାଚନରେ ଶତକଡ଼ା ୬୯.୩୮ ପ୍ରତିଶତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି ବୋଲି ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି ସୂଚନା ଦେଇଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ତରଫରୁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଥିଲା। ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ କରାଯାଇ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। କୌଣସି ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ, ଶୃଙ୍ଖଳାର ସହିତ ମତଦାନ ଶେଷ ହୋଇଥିବା ବାଲିଚନ୍ଦ୍ରପୁର ଥାନାଧିକାରୀ ପ୍ରକାଶ କରିଛନ୍ତି।

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଗଣଧାରଣା

**ସିଂହପୁର/ଯାଜପୁର ଟାଉନ,୨୭।୧୧(ଡିଏନଏ)**



ଏସ୍‌ୟୁସିଆଇ ଆଞ୍ଚଳିକ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି।

ସ୍ଥାୟୀ ଡାକ୍ତର ନିଯୁକ୍ତି ସମେତ ବିଭିନ୍ନ ଦାବିକୁ ନେଇ ବୁଧବାର ଏସ୍‌ୟୁସିଆଇ ଜରୀ, ବାଙ୍ଗରା, ସିଂହପୁର ଆଞ୍ଚଳିକ କମିଟି ପକ୍ଷରୁ ଜରୀ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଆଞ୍ଚଳିକ କମିଟିର ସମ୍ପାଦିକା ସଂଯୁକ୍ତା ନାୟକ ଓ ଜିଲା କମିଟି ସଭ୍ୟ କମ୍ରେଡ ରାଧା ବଲ୍ଲଭ ମଲିକଙ୍କ ନେତୃତ୍ୱରେ ସେଠାରେ ଆୟୋଜିତ ଏକ ପ୍ରତିବାଦ ସଭାରେ ଉପସ୍ଥିତ ନେତୃବୃନ୍ଦ ଜରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଡାକ୍ତରଖାନାଟି ୧୯୮୮ ମସିହାର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ମିଳୁନାହିଁ। ନିର୍ବାଚିତ ଜନପ୍ରତିନିଧିମାନେ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଛନ୍ତି। ଏହି ଡାକ୍ତରଖାନାରେ ଆଜକୁ ଦୀର୍ଘଦିନ ହେବ ଆବଶ୍ୟକ ଡାକ୍ତର, ଷ୍ଟାଫ୍‌ନର୍ସ, ଫାର୍ମାସିଷ୍ଟ ପଦବୀ ଖାଲି ପଡିଛି। ଫଳରେ ଜରୀ ସମେତ ଆଖପାଖ ଅଞ୍ଚଳର ଲୋକେ ସ୍ୱାସ୍ଥ୍ୟସେବା ଟିକେ ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି, ସାଧାରଣ ରୋଗରେ ରୋଗୀଙ୍କୁ ଖର୍ଚ୍ଚାନ୍ତ ହୋଇ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ପଡୁଛି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାକୁ ପ୍ରତିବାଦ ଜଣାଇ ଏସୟୁସିଆଇ ପକ୍ଷରୁ ଜରୀ ଡାକ୍ତରଖାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିବା ଜଣାପଡିଛି। ଦୀର୍ଘ ସମୟ ଧରି ଗଣଧାରଣା ଚାଲିବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଡାକ୍ତର ସୁବ୍ରତ ନାୟକ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହିତ ଉପରୋକ୍ତ ଦାବିଗୁଡିକୁ ଅବିଳମ୍ବେ ପୂରଣ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ କରାଯାଇଥିଲା। ଯଦି ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଏଥିନେଇ ଗଣ ଆନ୍ଦୋଳନ କରାଯିବାକୁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ଏହି ଗଣଧାରଣାରେ ଆଞ୍ଚଳିକ କମିଟିର ସଭ୍ୟ ବ୍ରହ୍ମାନନ୍ଦ ମଲିକ, ହୃଦାନନ୍ଦ ମଲିକ, ଜୟରାମ ମଲିକ, ଶିବ ପ୍ରସାଦ ବେହେରା, ଦୁର୍ଯ୍ୟୋଧନ ବେହେରା, ସୁରେନ୍ଦ୍ର ଜେନା, କାଳନ୍ଦୀ ମଲିକ, କାମଦେବ ମଲିକ, ଧର୍ମାନନ୍ଦ ମଲ୍ଲିକ, ଅଙ୍ଗଦ ମଲିକ, ହରେକୃଷ୍ଣ ଜେନା ଓ ବହୁ ମହିଳା ଯୋଗ ଦେଇଥିଲେ।

### ଜଳିଗଲା ଗୁହାଳ: ୫ ଗାଈ, ୪ ଛେଳି ଜୀବନ୍ତ ଦଗ୍ଧ

**ଦଶରଥପୁର,୨୭।୧୧(ଡିଏନ୍‌ଏ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଗୁଣ୍ଡୁଣିପଡ଼ା ଗ୍ରାମର ବିପିନ ବିହାରୀ ଦାସ ଏବଂ ଗୁରୁଚରଣ ଦାସଙ୍କ ଗୁହାଳରେ ମଙ୍ଗଳବାର ରାତି ପ୍ରାୟ ସାଢେ ୧୦ଟାରେ ଅଗ୍ନିକାଣ୍ଡ ଘଟି ଗୁହାଳ ସମ୍ପୂର୍ଣ୍ଣ ଜଳି ଯାଇଛି। ଫଳରେ ଗୁହାଳରେ ବନ୍ଧା ଯାଇଥିବା ଉଭୟ ପରିବାରର ୫ଟି ଗାଈ ଏବଂ ୪ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଦେଖାଯାଇଛି। ଉଭୟ ପରିବାରର ଗାଈ ଏବଂ ଛେଳି ଗୁହାଳରେ ବନ୍ଧା ଯାଇଥିବାବେଳେ ହଠାତ୍ ଛପର ଜଳି ଉଠିଥିଲା। ନିଆଁର ବେଗ ପ୍ରଖର ଥିବାରୁ କ୍ଷଣିକ ମଧ୍ୟରେ ନିଆଁ ଗୁହାଳର ଚତୁଃପାର୍ଶ୍ୱକୁ ବ୍ୟାପି ଯାଇଥିଲା। ଫଳରେ ଗୁହାଳରୁ ଗୋରୁ, ଛେଳିଙ୍କୁ କ୍ଷତିଗ୍ରସ୍ତ ହୋଇଥିବା ଏହି ଦୁଇ ପରିବାର ଗାଈ କିମ୍ବା ଛେଳି ଗୁହାଳରୁ ଉଦ୍ଧାର କରିପାରି ନ ଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସବୁ ପୋଡ଼ି ପାଉଁଶ ହୋଇସାରିଥିଲା। ବୁଧବାର ଖାନନଗର ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ଦଶରଥପୁର ତହସିଲକୁ ରିପୋର୍ଟ ପ୍ରଦାନ କରାଯାଇଛି। ସେହିପରି ମଙ୍ଗଳପୁର ପ୍ରାଣୀ ଚିକିତ୍ସାକେନ୍ଦ୍ର ପକ୍ଷରୁ ମୃତ ଗାଈ ଏବଂ ଛେଳିଗୁଡିକର ମୃତଦେହ ବ୍ୟବଚ୍ଛେଦ କରାଯାଇ ତହସିଲକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ‘ଆରମ୍ଭରୁ ଚିହ୍ନଟ ହୋଇପାରିଲେ ଆରୋଗ୍ୟ ସମ୍ଭବ’

**ଯାଜପୁର ଟାଉନ,୨୭।୧୧(ଡିଏନଏ)**

**କର୍କଟ ରୋଗ ସଚେତନତା ଶିବିର**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଫିଜିଓଥେରାପି ବିଭାଗରେ ବୁଧବାର କର୍କଟ ରୋଗ ଚିହ୍ନଟ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଅରୁଣ କୁମାର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କର୍କଟ ଏକ ମାରାତ୍ମକ ରୋଗ ରୂପେ ଦେଖା ଦେଇଥିବାରୁ ଏହାର ପ୍ରାଥମିକ ଚିକିତ୍ସା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଏହି ରୋଗ ଚିହ୍ନଟ ହୋଇପାରିଲେ ଏହାର ଚିକିତ୍ସା ପଦ୍ଧତି ସହଜ ହେବା ସହ ରୋଗୀର ଜୀବନ ରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍‌ପିଟାଲର ଆସିଷ୍ଟାଣ୍ଟ ପ୍ରଫେସର ସୁବ୍ରତ କୁମାର ସାମନ୍ତରାୟ ଓ ତପନ କୁମାର ସାହୁ ଏଥିରେ ଯୋଗଦେଇ କର୍କଟ ରୋଗ ଚିହ୍ନଟ ଓ ପରବର୍ତ୍ତୀ ଚିକିତ୍ସା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସ୍ତନ କର୍କଟର ପ୍ରାରମ୍ଭିକ ଚିହ୍ନଟ ପାଇଁ ନାରୀମାନେ ମାସିକ ୨ରୁ ୩ଥର ନିଜ ସ୍ତନର ପରୀକ୍ଷା ଦର୍ପଣ ସମ୍ମୁଖରେ କରିବା ଆବଶ୍ୟକ। ସେହିପରି ମୁଖ ଗହ୍ୱର ଜନିତ କର୍କଟ ରୋଗର ଚିହ୍ନଟ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ମୁଖର ଅନ୍ତର୍ଭାଗକୁ ସଫା ରଖିବା ଆବଶ୍ୟକ। କୌଣସି ଦ୍ୱନ୍ଦ୍ୱ କିମ୍ବା ସମସ୍ୟା ଅନୁଭବ କଲେ ସମ୍ପୃକ୍ତ ବ୍ୟକ୍ତି ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ସେମାନେ ସୂଚନା ଦେଇଥିଲେ। ଏହି ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଫୁଲ୍ଲ କୁମାର ଦିକ୍ଷୀତ୍, ଏଡିଏମ୍‌ଓ ଅନୁପ ନାଥଶର୍ମା, ପାର୍ଥସାରଥୀ ମିଶ୍ର, ଫିଜିଓଥେରାପିଷ୍ଟ ଦେବୀ ପ୍ରସାଦ ସାମଲ, ଷ୍ଟାଫ୍ ନର୍ସ ବନ୍ଦିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ହସ୍‌ପିଟାଲ୍ ପରିଚାଳିକା ସଂଗୀତା ନାୟକ ପରିଚାଳନା କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳର କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନେ ଯୋଗ ଦେଇଥିଲେ।

### ଟ୍ରେନ୍ ଲାଇନ୍ କଡ଼ରୁ ଉଦ୍ଧାର ଯୁବତୀଙ୍କ ମୃତ୍ୟୁ ଘଟଣା, ଜଣେ କୋର୍ଟ ଚାଲାଣ

**ଯାଜପୁର ରୋଡ୍ ୨୭।୧୧( ନି.ପ୍ର.)**

ଯାଜପୁର କେନ୍ଦୁଝର ଷ୍ଟେଶନର କିଛି ବାଟ ଦୂରରୁ ଗତ ବୁଧବାର ରାତିରେ ଚେତାଶୂନ୍ୟ ଅବସ୍ଥାରେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସମ୍ପୃକ୍ତ ଯୁବତୀଙ୍କ ମା’ ଓ ମାମୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୩୯୦/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଯୁବତୀଙ୍କ ମୋବାଇଲ୍ ଫୋନକୁ ଆଧାର କରି ବୁଧବାର ପୋଲିସ ଜଣେ ଯୁବକଙ୍କୁ ଷ୍ଟେଶନ୍ ବଜାରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ଆନନ୍ଦପୁର ଦେଉଳି ଅଞ୍ଚଳର ବିରଞ୍ଚି ଦାସ (୨୬)।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

**ରସୁଲପୁର,୨୭।୧୧(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ କୁଆଖିଆ ପୋଲିସ ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ଆଶିଷ କୁମାର ମଲିକ (୨୦) ଓରଫ ବାଉଟିଙ୍କୁ ବୁଧବାର ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସୋମବାର ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକା ପରିସ୍ରା କରିବାକୁ ବାହାରକୁ ଆସିଥିବାବେଳେ ବାଉଟି ଓ ତାଙ୍କର ଜଣେ ସାଙ୍ଗ ଏକ ବାଇକ୍‌ରେ ଆସି ନାବାଳିକାଙ୍କୁ ଉଠାଇ ନେଇଥିଲେ। ଏକ ନିଛାଟିଆ ସ୍ଥାନରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଏହାକୁ ବିରୋଧ କରି ଅଭିଯୁକ୍ତଙ୍କ କବଳରୁ ଖସି ଆସିଥିଲେ। ଏହାପରେ ନାବାଳିକାଙ୍କ ପାଟି ଶୁଣି ତାଙ୍କୁ ପରିବାର ଲୋକେ ଉଦ୍ଧାର କରିଥିଲେ। ମାତ୍ର ଅଭିଯୁକ୍ତ ଦୁଇଜଣ ଖସି ପଳାଇଥିଲେ। ପରଦିନ ପୋଲିସ ସେମାନଙ୍କୁ ନେଇ ଥାନାରେ ପଚରାଉଚୁରା କରିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ଉଭୟ ନାବାଳିକା ଓ ଅଭିଯୁକ୍ତଙ୍କ ବୟାନ ବଳରେ ଘଟଣା ସହ ବାଉଟି ସମ୍ପୃକ୍ତି ଥିବା ଜାଣି ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି।

## ୧୬ନଂ ଜାତୀୟ ରାଜପଥରେ ଗଲା ଆଉ ଏକ ଜୀବନ

# ଦୁର୍ଘଟଣାରେ ଟ୍ରଲି ଚାଳକ ମୃତ, ୨ଘଣ୍ଟା ରାସ୍ତା ଅବରୋଧ

**ରସୁଲପୁର,୨୭।୧୧(ଡିଏନଏ)**



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

୧୬ନଂ ଜାତୀୟ ରାଜପଥ ନିର୍ମାଣ ଯାତ୍ରୀଙ୍କ ପାଇଁ କାଳ ସାଜିଛି। ପୂର୍ବରୁ ଏହି ରାଜପଥରେ ଦୁର୍ଘଟଣା ଘଟି ଭଉଣୀଭାଇ ପ୍ରାଣ ହରାଇଥିବାବେଳେ ରାଜପଥର ବିଲପଡାସ୍ଥିତ ରାଜପଥ ଉପରେ ବୁଧବାର ଆଉ ଏକ ଦୁର୍ଘଟଣାରେ ଜଣେ ଟ୍ରଲି ଚାଳକଙ୍କର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଙ୍କ ଘର ରସୁଲପୁର ପଞ୍ଚାୟତ କେଉଟ ଲଗୁଆଁ ଗ୍ରାମର ବୀରକିଶୋର ମଲିକ ଓରଫ କାଳିଆ(୪୫) ବୋଲି ଜଣାପଡିଛି। ସେ ଟ୍ରଲିରେ ବାଦାମ ବୋଝେଇ କରି ଗାଁକୁ ଫେରୁଥିବା ବାଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ଗଳିପୋଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଦାବି ହୋଇଆସୁଛି। ରାଜପଥ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଜଣେ ନିରୀହ ଗରିବ ଟ୍ରଲି ଚାଳକଙ୍କ ଜୀବନ ଚାଲିଗଲା। ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଓ ଦୁର୍ଘଟଣା ସ୍ଥଳରେ ଗଳିପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାଜପଥ ଉପରେ ଗାଡି ଚଳାଚଳରେ ବାଧା ଉପୁଜିଥିଲା। ଅବରୋଧକାରୀଙ୍କୁ ହଟାଇବା ପାଇଁ କୁଆଖିଆ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଖବର ପାଇ ଘଟଣାସ୍ଥଳରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, ଏସଡିପିଓ ଚିନ୍ମୟ ନାୟକ, ପାଣିକୋଇଲି ଥାନାଧିକାରୀ ଅଜୟ ଜେନା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସହ ଏକ ସେକ୍ସନ ଫୋର୍ସ ଉତ୍ତେଜନାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରି ଅବରୋଧ ହଟାଇଥିଲେ। ରାଜପଥରେ ପ୍ରାୟତଃ ୨ଘଣ୍ଟାରୁ ଉର୍ଦ୍ଧ୍ୱ ଗାଡି ଚଳାଚଳରେ ବାଧା ଉପୁଜିଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇ ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଥାନାଧିକାରୀ କହିଛନ୍ତି।

## ବିକାଶଠାରୁ ଦୂରରେ କେଳାବସ୍ତି

# ସମସ୍ୟାରେ ଶଢୁଛନ୍ତି ୬ ପରିବାର

- ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି ଦୂରରେ ଏହି ବସ୍ତି
- ମିଳୁନି ପୁଷ୍ଟିକର ଖାଦ୍ୟ

**ରସୁଲପୁର,୨୭।୧୧(ଡିଏନଏ)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୦ରୁ ଉର୍ଦ୍ଧ୍ୱ ଜନହିତକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ଏତେ ସବୁ ଯୋଜନା ବିକଶିତ ଅଞ୍ଚଳରେ ବି ଅପହଞ୍ଚ ହୋଇଯାଇଛି। ଦୀପତଳ ଅନ୍ଧାର ଭଳି ଯାଜପୁର ଜିଲା ସଦର ମହକୁମାଠାରୁ ମାତ୍ର ୮ କି.ମି ଦୂରରେ ଥିବା କେଳା ବସ୍ତିରେ ବିକାଶର ଛିଟା ବି ପଡିନି। ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମରେ ବସବାସ କରୁଥିବା ୬ଟି ଦଳିତ(କେଳା) ପରିବାର ନାନା ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କ ପାଖରେ ରହିବାକୁ ଜାଗା ନ ଥିବାବେଳେ ଖାଇବାକୁ ପୁଷ୍ଟିକର ଖାଦ୍ୟ ବି ନାହିଁ। ଅନେକ ସରକାରୀ ଯୋଜନା ଏହି ପରିବାର ଲୋକଙ୍କ ପାଇଁ ସାତପସପନ ପାଲଟି ଥିବା ଜଣାପଡ଼ିଛି। ଏହି ବ୍ଲକ ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ସଂସ୍କୃତି ସମ୍ପନ୍ନ ଗାଁ ହରିପୁରର ଏକ ତଳିଆ ଅଞ୍ଚଳରେ ବସବାସ କରୁଛନ୍ତି ଏହି ୬ କେଳା ପରିବାର। ପରିବାରର ମୁରବୀ ମା’ ରେବତୀ ଦାସଙ୍କ କହିବା ମୁତାବକ ପ୍ରାୟ ୮୫ବର୍ଷ ତଳୁ ସେମାନେ ଏଠାରେ ବସବାସ କରିଆସୁଛନ୍ତି। ସେମାନଙ୍କ ଭୋଟ ପରିଚୟପତ୍ର, ଆଧାରକାର୍ଡ ଆଦି ପରିଚୟପତ୍ର ଅଛି। କେନ୍ଦ୍ର ସରକାରଙ୍କ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସେମାନଙ୍କ ପରିବାରକୁ ସାମିଲ କରାଯାଇଛି। ଏ ବାବଦରେ ୩୫ କେ.ଜି. ଚାଉଳ ମିଳୁଛି। ରେବତୀଙ୍କୁ ୭୦ବର୍ଷ ହେଲାଣି। ସେ ପ୍ରାୟତଃ ୧୦ବର୍ଷରୁ ଉର୍ଦ୍ଧ୍ୱ ହେଲା ବିଧବା ହୋଇଯାଇଛନ୍ତି। ହେଲେ ତାଙ୍କୁ ବିଧବା ଭତ୍ତା ମିଳିପାରି ନାହିଁ। ରେବତୀଙ୍କର ୬ଟି ପୁଅ ୨ଝିଅ ମଧ୍ୟରୁ ଦୁଇଟି ଝିଅ ଓ ୫ଟି ପୁଅ ବିବାହ କରିସାରିଛନ୍ତି। ସେଥିରୁ ଦୁଇଟି ପୁଅ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିସାରିଥିବାବେଳେ ଆଉ ଗୋଟିଏ ପୁଅର ସ୍ତ୍ରୀ ମରିଯାଇଛି। ସେମାନଙ୍କର ୫ଟି ଝିଅ ଦୁଇଟି ପୁଅ ଏବେ ରେବତୀଙ୍କ ଉପରେ ବୋଝ ପାଲଟିଛନ୍ତି। ତାଙ୍କୁ ମିଳୁଥିବା ୩୫କେଜି ଚାଉଳରେ ପେଟ ପୁରିବାକୁ ଭାତ ଗଣ୍ଡେ ମିଳିଯାଉଛି। ହେଲେ ରୋଜଗାରିଆ ପୁଅ ମରିଗଲା ପରେ ଅନ୍ୟ ସଉଦାପତ୍ର କିଣିବା ପାଇଁ ତାଙ୍କ ପାଖରେ ଅର୍ଥ ନାହିଁ। ପୁଷ୍ଟିକର ଖାଦ୍ୟ ଅଭାବରୁ ପିଲାମାନେ ଅପପୁଷ୍ଟିର ଶିକାର ହୋଇଛନ୍ତି। ଉକ୍ତ ପରିବାରଙ୍କ ନାଁରେ ନିଜସ୍ୱ ଜମି ନାହିଁ। ମୋ ଡିହ ଯୋଜନାରେ ଉକ୍ତ ପରିବାରକୁ ଘରଡିହ ପଟ୍ଟା ମିଳିପାରି ନାହିଁ। ଏ ଦିଗରେ କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀମାନେ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବାରୁ ଏହି ପରିବାରକୁ ସରକାରୀ ଜମି ଓ ଆବାସ ମିଳିପାରି ନ ଥିବା କୁହାଯାଉଛି। ଏଠାକାର ସବୁ ପରିବାର ବିପିଏଲ ଅନ୍ତର୍ଭୁକ୍ତ। ଏହି ଯୋଜନାରେ ଜଣକୁ ବିଜୁଳି ଆଲୁଅ ସଂଯୋଗ ଦିଆଯାଇ ଥିଲା। ବିଜୁଳି ନ ଜାଳି ଅଧିକ ବିଲ୍ ଆସିଥିଲା। ଉକ୍ତ ବିଲ୍ ପୈଠ ନ କରିବାରୁ ତାହା ବି କାଟି ଦିଆଯାଇଛି। ବିଜୁଳି ଆଲୁଅ ଅଭାବରୁ ବୁଦାଳିଆ ଜାଗାରେ ଅନ୍ଧକାରରେ କାଳ କାଟୁଛନ୍ତି ଏ ସମସ୍ତ ପରିବାର। ଏହି ଘରକୁ ଯାତାୟାତ ପାଇଁ ନିତିଦିନିଆ ରାସ୍ତା ଖଣ୍ଡିଏ ବି ନାହିଁ। ଏହିଭଳି ନାନା ସମସ୍ୟା ମଧ୍ୟରେ ରହୁଥିବା ରେବତୀ ଓ ଅନ୍ୟ ପରିବାର ଲୋକଙ୍କ ପାଇଁ ବିକାଶର ସୂର୍ଯ୍ୟ କେବେ ଉଦୟ ହେଉଛି ତାହାକୁ ହିଁ ଅପେକ୍ଷା।



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ

## ସଂକ୍ଷେପରେ

### ଲୁଟ୍‌ର ୩ଦିନ ବିତିଲା, ମିଳିଲାନି ଟେର

ରଣପୁର,୨୭।୧୧(ସ୍ୱ.ପ୍ର.)-ରଣପୁର ସହର ପରିବା ମାର୍କେଟରୁ ୫୦ ହଜାର ଟଙ୍କା ଲୁଟ୍ ଘଟଣାର ୩ଦିନ ବିତିଯାଇଥିଲେ ମଧ ପୋଲିସ ଏହାର ଟେର ପାଇନାହିଁ । ଗତ ସୋମବାର ବାଉଁଶଗଡ ପଞ୍ଚାୟତ ଲୁଣିସାହି ଗାଁର ଅବସରପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ବେହେରା ରଣପୁର ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଣ କରି ବାଇକ୍ ଡିକିରେ ରଖିଥିଲେ। ଅପରାହ୍ନରେ ସେ ପରିବା ମାର୍କେଟରୁ ପରିବା କିଣୁଥିବାବେଳେ ତାଙ୍କ ବାଇକ୍ ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୫୦ ହଜାର ଲୁଟିନେଇଥିଲେ। ଏ ନେଇ ଗୋବର୍ଦ୍ଧନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୫୭/୧୯ରେ ମାମଲା ରୁଜୁ କରିଛି।

### ୨୯ରେ ଜିଲା ଫୁଟବଲ ଖେଳାଳି ଚୟନ

ନୟାଗଡ଼ ଅଫିସ,୨୭।୧୧: ନୟାଗଡ଼ ସହର ନୂଆ ଷ୍ଟାଡ଼ିୟମଠାରେ ଆସନ୍ତା ୨୯ ତାରିଖରେ ଜିଲା ଫୁଟବଲ ଖେଳାଳି ଚୟନ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଖେଳାଳି ସକାଳ ୮ଟା ସମୟରେ ଉପସ୍ଥିତ ରହିବା ପାଇଁ ଜିଲା ଆଥ୍‌ଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଶେଷ କୁମାର ଦାସ ସୂଚନା ଦେଇଛନ୍ତି।

### ଖୋର୍ଦ୍ଧା ଲୋକ ଉତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ,୨୭।୧୧: ଗୁରୁଜଙ୍ଗରେ ୨୦ତାରିଖରୁ ଚାଲିଥିବା ଖୋର୍ଦ୍ଧା ଲୋକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ମା’ ରାମଚଣ୍ଡୀ ପାଇକ ଆଖଡା ସଂଘ ପକ୍ଷରୁ ଆରମ୍ଭ ହୋଇଥିଲା ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟା। ମା’ ରାମଚଣ୍ଡୀ ପାଇକ ଆଖଡା ସଂଘ ଢେଙ୍କାନାଳର କଳାକାରମାନେ ଭେଟି ଦେଇଥିଲେ ପାଇକ କୁହାଟ, ପାଇକ ଠାଣି, ପାଇକ ଚାଲି, ପାଇକ ବାଣୀ ସହ ସମରକଳାର ବିଭିନ୍ନ କଳା ନୈପୁଣ୍ୟ। କୋଲକତାର ନୃତ୍ୟ ଶିଳ୍ପୀ ଶିଖା ଭଟ୍ଟଚାର୍ଯ୍ୟ ଓ ସାଥିମାନେ ପରିବେଷଣ କରିଥିଲେ କୃଷ୍ଣାୟ ତୁଭ୍ୟମ ନମଃ। ଏଥିରେ କୃଷ୍ଣଙ୍କର ବାଲ୍ୟ, ତାରୁଣ୍ୟ ଓ ଜଙ୍ଗଲର ଲୀଳା ନିଖୁଣ ଭାବେ ଉପସ୍ଥାପନ ହୋଇଥିଲା। ସେହିପରି ବାଙ୍ଗଲା ସଙ୍ଗୀତ ଆଧାରରେ ଲୋକନୃତ୍ୟ ମଧ ଚିତାକର୍ଷକ ଥିଲା। ଆରାଧନା ପ୍ରିନ୍‌ସେସ ଡ୍ୟାନ୍ସ ଏକାଡେମୀ ବୋଲଗଡ ପକ୍ଷରୁ ସୃଜନଶୀଳ ନୃତ୍ୟ ମାଧମରେ ବନ୍ଦେ ମାତରମ ଓ ରୁଚିପୂର୍ଣ୍ଣ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହୁ ପରିବାର ପକ୍ଷରୁ ଶିଳ୍ପୀ ଅଟଳ ଓ କୁମାର ପବିତ୍ର ଚଳଚିତ୍ର ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଜ୍ଞାନ, କରିଗରି କୌଶଳ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରାନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଚେୟାରମ୍ୟାନ ପ୍ରଫୁଲ୍ଲ ଦଳେଇ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ଏଥିରେ ବକ୍ସି ଜଗବନ୍ଧୁ ସମ୍ମାନ ଆନ୍ଧ୍ର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ଦିଆଯାଇଥିଲା। ଅନୁପସ୍ଥିତିରେ ପୁଅ ପୃଥ୍ୱୀରାଜ ହରିଚନ୍ଦନ ଗ୍ରହଣ କରିଥିଲେ। ସେହିପରି ଜୟୀ ରାଜଗୁରୁ ସମ୍ମାନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଆଯାଇଥିଲା ସଚି ରାଉତରାୟ ସମ୍ମାନ ବିଶିଷ୍ଟ କବି ଡ. ଫନୀ ମହାନ୍ତି, ପର୍ଶୁ ପଟ୍ଟନାୟକ ସମ୍ମାନ କବି ଆଚାର୍ଯ୍ୟ ଅଭିମନ୍ୟୁ, ଖୋର୍ଦ୍ଧା ଗୌରବ କବି ନଟବର ସାହୁଙ୍କୁ ପ୍ରଦାନ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଓ ନଟବରଙ୍କ ଅନୁପସ୍ଥିତିରେ ଅନ୍ୟମାନେ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ଉତ୍ସବର ମୁଖପତ୍ର ଜ୍ଞାନ ମହଲ ଉନ୍ମୋଚିତ ହୋଇଥିଲା।

## ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ପ୍ରାଣୀ ସହାୟକ କେନ୍ଦ୍ର

# ୪ ବର୍ଷ ଧରି ତାଲା ପଡ଼ିଛି କାର୍ଯ୍ୟାଳୟ

ଗଣିଆ,୨୭।୧୧(ଡି.ଏନ.ଏ.)

ଗଣିଆ ବ୍ଲକ ଛାମୁଣ୍ଡିଆଠାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ଗତ ୪ବର୍ଷ ଧରି କୌଣସି କର୍ମଚାରୀ ରହୁ ନ ଥିବା ଦେଖାଯାଇଛି । ପ୍ରାଣୀ ସହାୟକ କେନ୍ଦ୍ର ସହ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ରହଣି ପାଇଁ ବାସଭବନ ନିର୍ମାଣ କରାଯାଇଛି । ହେଲେ ଗୃହ ନିର୍ମାଣ ପରଠାରୁ କର୍ମଚାରୀ ଜଣକ ରହିବା ତ ଦୂରର କଥା, ଦିନେହେଲେ ବି ଅଫିସ ଖୋଲାଯାଉ ନ ଥିବା ଅଭିଯୋଗ ହେଉଛି । ଏପରି କି ଏହି ସହାୟକ କେନ୍ଦ୍ର ଓ ବାସଭବନ ମରାମତି ଏବଂ ରଙ୍ଗ କରିବା ପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ସରକାରୀ ଅର୍ଥ ଖର୍ଚ୍ଚ କରାଯାଉଛି। ସମ୍ପୃକ୍ତ ପ୍ରାଣୀଧନ ନିରୀକ୍ଷକ ଅଫିସ ଖୋଲୁ ନ ଥିବାବେଳେ ନିଜେ ରହୁ ନ ଥିବାରୁ ପ୍ରାଣୀ ସହାୟକ କେନ୍ଦ୍ରଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବୁଲା ଗୋରୁଙ୍କର



ଛାମୁଣ୍ଡିଆଠାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ର।

ମଧ ଏହା ଆଶ୍ରୟସ୍ଥଳୀ ପାଲଟିଛି। ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରତ୍ୟହ ଏହା ପରିସରରେ ମାଦକ ଦ୍ରବ୍ୟ ସେବନ କରିବା ସହ ତାସ୍ ଖେଳୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପ୍ରାଣୀ ସହାୟକ କେନ୍ଦ୍ର ଉପରେ ଛାମୁଣ୍ଡିଆ ଓ ବଡଶିଲିଙ୍ଗା ପଞ୍ଚାୟତର ଲୋକମାନେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ବିଶେଷକରି ଚଳିତ ଋତୁରେ ବିଭିନ୍ନ ଗୃହପାଳିତ ପ୍ରାଣୀ ଫାଟୁଆ, ବଜବଜିଆ ପରି ରୋଗର ଶିକାର ହେଉଥିଲେ ହେଁ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ଦରମା ବାବଦରେ ବହୁ ଅର୍ଥ ବ୍ୟୟ କରାଯାଉଛି। କିନ୍ତୁ ସ୍ଥାନୀୟ ଲୋକେ ଏଥିରୁ ଉପକୃତ ହୋଇପାରୁ ନ ଥିବାରୁ ନିଯୁକ୍ତି ଓ ଅର୍ଥବ୍ୟୟ କାହାପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ସରକାରଙ୍କ ୫-ଟିକୁ ନେଇ ସବୁଆଡେ ଚର୍ଚ୍ଚା ହେଉଥିବାବେଳେ ଏହାର ପ୍ରଭାବ କିଭଳି ପଡୁଛି ତାହା ଦେଖିବାକୁ ବାକି ରହିଛି। ଏ ନେଇ ସ୍ଥାନୀୟ ଲୋକେ ଜିଲାପାଳ ଓ ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇବେ ବୋଲି ଛାମୁଣ୍ଡିଆ ଗ୍ରାମର ଅଚ୍ୟୁତ ଦଳେଇ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗଣିଆ ପ୍ରାଣୀଧନ ଚିକିତ୍ସାଧିକାରୀ ନିଗମାନନ୍ଦ ପାଢୀଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ ପ୍ରାଣୀଧନ ନିରୀକ୍ଷକଙ୍କୁ ଛାମୁଣ୍ଡିଆରେ ରହି ଡ୍ୟୁଟି କରିବା ପାଇଁ ତାଗିଦ୍ କରାଯାଇଛି । ଏଥିରେ ଖିଲାପ କଲେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ସାଜସଜ୍ଜା ପାଇଁ ପ୍ରତି ଆଖଡ଼ାକୁ ମିଳିବ ଟଙ୍କା

ଶ୍ରୀକ୍ଷେତ୍ର ମହୋତ୍ସବ

ପୁରୀ ଅଫିସ, ୨୭।୧୧

ଆସନ୍ତା ଡିସେମ୍ବର ୧୬ରୁ ୨୦ତାରିଖ ପର୍ଯ୍ୟନ୍ତ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଶ୍ରୀକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ସାହି ଭାଗ ନେଉଥିବାବେଳେ କୁଣ୍ଡାଇବେଣ୍ଟ ସାହିର ପଥର ଆଖଡ଼ା ମୁଖ୍ୟ ଭୂମିକା ତୁଲାଇବ। ଏଥିରେ ପୁରୀର ପାରମ୍ପରିକ ନୃତ୍ୟ ଓ ବୈଭବ ସ୍ଥାନ ପାଇବ। ଏତଦ୍‌ବ୍ୟତୀତ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଦଳ ମଧ ଅଂଶଗ୍ରହଣ କରିବେ। ଚଳିତବର୍ଷ କୋଲକାତାସ୍ଥିତ ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର ମଧ ବିଭିନ୍ନ ଦଳ ପଠାଇବ। କଳା, ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ରହିଥିବା ବ୍ୟକ୍ତିବିଶେଷଙ୍କୁ ଏଥିରେ ସମ୍ମାନିତ କରାଯିବ। ଏକ କମିଟି ସୁପାରିଶ ଆଧାରରେ ସମ୍ମାନିତ ହେବାକୁ ଥିବା ବ୍ୟକ୍ତିଙ୍କୁ ଚୟନ କରାଯିବ। ସାଜସଜ୍ଜା ପାଇଁ ଚଳିତବର୍ଷ ପ୍ରତି ଆଖଡାକୁ ୧୭,୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏହି ୫ଦିନ ଧରି ଶରଧାବାଲିରେ ପୁସ୍ତକମେଳା ଆୟୋଜନ ହେବ। ଓରମାସ୍ ପକ୍ଷରୁ ମଧ ମେଳାର ଆୟୋଜନ କରାଯାଇଛି। ଅସ୍ଥାୟୀ ଭାବେ ନିରାପତ୍ତା, ଅଗ୍ନିଶମ, ବିଦ୍ୟୁତ୍ ଓ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ। ଏହି ବୈଠକରେ ପୌରସଂସ୍ଥା ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡିଆଇବି ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ଓର୍‌ମାସ ସହ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାଶ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରା, ପୂର୍ବତନ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ସେନାପତିଙ୍କ ସମେତ ବିଭିନ୍ନ ଆଖଡ଼ାର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

# ଦରମା ଦାବିରେ ଠିକା କର୍ମଚାରୀଙ୍କ ଧାରଣା

ପୁରୀ ଅଫିସ, ୨୭।୧୧

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଠିକା କର୍ମଚାରୀମାନେ ବକେୟା ଦରମା ପ୍ରଦାନ ଦାବି ନେଇ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମେଡିକାଲ ପରିସରସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ସେମାନେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଛନ୍ତି।

୨୦୦୩ ମସିହାରୁ ମୁଖ୍ୟ ଚିକିତ୍ସାଳୟରେ ଜେଡ୍‌ଏସ୍‌ଏସ୍‌ରେ ୬୨ ଏବଂ ଆଉଟସୋର୍ସିଂ (କମ୍ପାନୀ ଠିକାଦାର) ଅଧୀନରେ ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏମାନେ ଗତ ୧୦ମାସ ହେଲା ଦରମା ପାଇନାହାନ୍ତି। ସେହିପରି ଠିକା କମ୍ପାନୀ ଇପିଏଫ୍, ଇଏସ୍‌ଆଇ ସୁବିଧା ନ ଦେଇ କର୍ମଚାରୀଙ୍କ ଟଙ୍କା ହଡ଼ପ କରୁଥିବା ଠିକା କର୍ମଚାରୀ ସଂଘ ସଭାପତି ଶରତ ରାୟଗୁରୁ ଅଭିଯୋଗ ଆଣିଛନ୍ତି। ବକେୟା ଦରମା ଦେବା, କଳା ତାଲିକାଭୁକ୍ତ କମ୍ପାନୀର ଟେଣ୍ଡର ବାତିଲ କରାଯିବା, ଚୁକ୍ତିନାମା ଅନୁଯାୟୀ ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ଲାଗି ସେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲିବ। ତେବେ ରୋଗୀ ସେବାରେ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ରାୟଗୁରୁ କହିଛନ୍ତି। ଅନ୍ୟପକ୍ଷେ ସିଡିଏମ୍‌ଓ ନୀଳକଣ୍ଠ ମିଶ୍ର କହିଛନ୍ତି, ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଉଛି।




ଧାରଣାରେ ବସିଛନ୍ତି ଠିକା କର୍ମଚାରୀ।

## ବ୍ରାହ୍ମୀ ଛାତ୍ରୀନିବାସରେ ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଅଫିସ, ୨୭।୧୧

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ବ୍ରାହ୍ମୀ ଛାତ୍ରୀନିବାସରେ ବୁଧବାର ପ୍ରଥମ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀନିବାସ ପରିଚାଳକ ଡ. ବସନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ଏହାକୁ ଉଦ୍‌ଘାଟନ କରି ଶୃଙ୍ଖଳା ଜ୍ଞାନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରଫେସର ସଦାନନ୍ଦ ଦୀକ୍ଷିତ, ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ, ପରୀକ୍ଷା ନିୟନ୍ତ୍ରକ ଡ. ଧରଣୀଧର ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ମାନୁବର୍ତ୍ତିତା ଓ ଏକାଗ୍ରଚିତ୍ତ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଚୋରା ମଦ ଜବତ

ପୁରୀ ଅଫିସ, ୨୭।୧୧

ପୁରୀ ଅବକାରୀ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବୁଧବାର ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅଲାରପୁରସ୍ଥିତ ଜନୈକ ମଦ ବ୍ୟବସାୟୀଙ୍କ ବଗିଚାରୁ ୪ଶହ ପ୍ୟାକେଟ ବିଦେଶୀ ମଦ ଜବତ କରିଛି। ଏହି ମଦ ବେଆଇନ ଭାବେ ଗଚ୍ଛିତ ରଖାଯାଇଥିଲା ବୋଲି ଜଣାପଡ଼ିଛି।

# ଶ୍ରୀମନ୍ଦିରରେ ସରିଲା ଦେବ ଦୀପାବଳି ଉତ୍ସବ

ପୁରୀ ଅଫିସ, ୨୭।୧୧

ଶ୍ରୀମନ୍ଦିରରେ ଶେଷ ହୋଇଛି ଦେବ ଦୀପାବଳି ଉତ୍ସବ। ବୁଧବାର ମାର୍ଗଶିର ଶୁକ୍ଳ ପ୍ରତିପଦା ତିଥିରେ ବସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିଛନ୍ତି ମହାପ୍ରଭୁ। ସନ୍ଧ୍ୟାଧୂପ ସରିବା ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ସିଂହାସନ ତଳେ ପାଣି ପକାଯିବା ପରେ ଚାଉଳରେ ଗଛ ତିଆରି ହୋଇଥିଲା। ଏହାପରେ ଦକ୍ଷିଣଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ପ୍ରସାଦ ଲାଗି ପରେ ୩ ଜଣ ପୂଜାପଣ୍ଡା ଚାଉଳ ଗଛକୁ ସଂସ୍କାର କରି ପାଣି ଛଡ଼ାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାର ଭିତରପାଖେ ଠିଆ ହୋଇରହିଥିଲେ। ପାଳିଆ ପଡିଆରୀ ଜୟ ବିଜୟ ଦ୍ୱାର ଫିଟାଇ ଥିଲେ। ମହାଜନ ସେବକ ଠାକୁରଙ୍କୁ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ବିମାନକୁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ କାଠ ଭଦ୍ରାସନ ଉପରେ ଠାକୁର



ଦେବ ଦୀପାବଳି ଉତ୍ସବରେ ଦୀପ ଦାନ କରାଯାଉଛି।

ବସିବା ପରେ ଚାଉଳରେ ଗୋଟିଏ ଗଛ ତିଆରି କରାଯାଇ ଦୀପ ବସାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଗଛକୁ ସଂସ୍କାର କରି ପାଣି ଛଡ଼ାଇଥିଲେ। ବନ୍ଦାପନା ସରିବା ପରେ ଠାକୁର ବଡଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ଠାକୁରଙ୍କ ଶ୍ରାଦ୍ଧ ବେଶ ହୋଇଥିଲା। ମହାପ୍ରଭୁ ଶ୍ରାଦ୍ଧ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି ମାର୍ଗଶିର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଏବଂ ଶୁକ୍ଳ ପ୍ରତିପଦା ତିନିଦିନ ଧରି ପାଳିତ ହୋଇଥାଏ। ଚତୁର୍ଦ୍ଦଶୀରେ ଠାକୁର ଅଦିତି ଓ କଶ୍ୟପଙ୍କୁ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କୁ ଶ୍ରାଦ୍ଧ ଦେଇଥିବାବେଳେ ମାର୍ଗଶିର ଶୁକ୍ଳ ପ୍ରତିପଦା ଅର୍ଥାତ୍ ବୁଧବାର ନନ୍ଦ ଓ ଯଶୋଦା, ବସୁଦେବ ଓ ଦେବକୀ, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପ୍ରଶାସନର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା ଅଫିସ,୨୭।୧୧

ଖୋର୍ଦ୍ଧାର ବରୁଣେଇ ପାହାଡ ପାଦଦେଶରେ ନିର୍ମାଣ ହେବାକୁ ଥିବା ପାଇକ ସ୍ମାରକୀର ଶିଳାନ୍ୟାସ ଡିସେମ୍ବର ୮ରେ ଅନୁଷ୍ଠିତ ହେବ। ଏହି ଶିଳାନ୍ୟାସ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ କରିବେ। ଏ ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତକୁ ଜିଲାର ବିଭିନ୍ନ ପାଇକ ଆଖଡା ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ପାଇକ ରେଜିମେଣ୍ଟ ଗଠନ କରିବାକୁ ଜିଲା ପ୍ରଶାସନ ମାଧମରେ ଦାବି ରଖିବାକୁ



ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗୀୟ ଅଧିକାରୀ।

ମତପ୍ରକାଶ ପାଇଥିଲା। ପାଇକ ବିଦ୍ରୋହ ସମ୍ପର୍କିତ ପ୍ରସଙ୍ଗ ଉପରେ କେନ୍ଦ୍ରର ଶୁଭଦୃଷ୍ଟି ଥିବାରୁ ଆଗାମୀଦିନରେ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ବରୁଣେଇର ପାରିପାର୍ଶ୍ୱିକ ଉନ୍ନତି, ବରୁଣେଇ ନିକଟରେ ମ୍ୟୁଜିୟମ, ପାଇକ ଭବନ, ପାଇକ ଏକାଡେମୀ କରାଇବାର ବ୍ୟବସ୍ଥା କରାଇଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପାରନ୍ତା। ଏହି ବୈଠକରେ ମା’ ଅଁଳେଇ ପାଇକ ସଙ୍ଗଠନର ସଭାପତି ନରେନ୍ଦ୍ର ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ସ୍ୱପ୍ନିଲ ନାୟକ, ପାଇକ ଗୁରୁ ବିଷ୍ଣୁ ସାମନ୍ତରାୟ, କବିରାଜ ପ୍ରଧାନ, ଶମ୍ଭୁଦତ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# କାର ସହ ୬୪ କି.ଗ୍ରା. ଗଞ୍ଜେଇ ଜବତ

ଖୋର୍ଦ୍ଧା ଅଫିସ, ୨୭।୧୧

ଅବକାରୀ ବିଭାଗର ଜିଲା ମୋବାଇଲ ସ୍କ୍ୱାଡ ଭୁବନେଶ୍ୱର ଓ ଖୋର୍ଦ୍ଧା ଅବକାରୀ ବିଭାଗର ସ୍କ୍ୱାଡ ପକ୍ଷରୁ ବୁଧବାର ଭୋରୁ ମିଳିତ ଚଢାଉ କରାଯାଇ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ୧୬ ନଂ. ଜାତୀୟ ରାଜପଥରୁ ଏକ ନମ୍ବର ବିହୀନ ନୂଆ କାର ସହ ୬୪ କିଗ୍ରା ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଦାମ ୩ ଲକ୍ଷ ୨୦ ହଜାର ଟଙ୍କା ହେବ। ସ୍କ୍ୱାଡ ପକ୍ଷରୁ ୩ଟି ପୃଥକ୍ ପୃଥକ୍ ମକଦ୍ଦମା କରାଯାଇ ଉଆଁଳା ଗାଁର ତ୍ରିଭଙ୍ଗ ବେହେରା, ଟାଙ୍ଗିଣିପଡାର କାର୍ତ୍ତିକ ବେହେରା ଓ ବାଲିଗୁଡା ହାଟପଦା ଗାଁର ମହେଶ୍ୱର ବାରିକ ଓ ଚମ୍ପାପୁର ଗାଁର ସୁଶାନ୍ତ ଲେଙ୍କାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ୪ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଅବକାରୀ ସୂଚନା ଅନୁସାରେ, ଭୋର ପ୍ରାୟ ୩ଟାରୁ ୬ଟା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଟ୍ରୋଲିଂ ଚାଲିଥିଲା। ଏକ ବସରେ ବୌଦ୍ଧ ଜିଲା ଧଳପୁର ଉଆଁଳା ଗାଁର ତ୍ରିଭଙ୍ଗ ଗଞ୍ଜେଇ ଧରି ଆସି ଖୋର୍ଦ୍ଧାରେ ଓହ୍ଲାଇଥିଲେ। ତ୍ରିଭଙ୍ଗଙ୍କଠାରୁ ୫ କେଜି ଗଞ୍ଜେଇ ଜବତ ହୋଇଥିଲା। ଯାହାର ଦାମ ପ୍ରାୟ ୧୫ ହଜାର ଟଙ୍କା ହେବ। ନଂ.୫୧/୧୯-୨୦ରେ ମାମଲା କରାଯାଇଥିବା ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ସେହିପରି ଜାତୀୟ



ଜବତ ଗଞ୍ଜେଇ।

## ୪ ଅଭିଯୁକ୍ତ ଜେଲ ଗଲେ

ରାଜପଥରୁ ଏକ ନୂଆ କାର ସହ ୫୬ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ଦାମ ୨ ଲକ୍ଷ ୮୦ ହଜାର ଟଙ୍କା ହେବ। ଏହି ଘଟଣାରେ ଫୁଲବାଣୀ ଟାଙ୍ଗିଣିପଡାର କାର୍ତ୍ତିକ ଓ ବାଲିଗୁଡା ହାଟପଦାର ମହେଶ୍ୱରଙ୍କୁ ଗିରଫ କରାଯାଇଛି। ଏ ନେଇ ଜିଲା ମୋବାଇଲ ସ୍କ୍ୱାଡ ଭୁବନେଶ୍ୱରର ପକ୍ଷରୁ ନଂ.୧୩୩/୧୯-୨୦ରେ ମାମଲା ରୁଜୁ କରାଯାଇଥିବା ସବ୍ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି। ସେହିପରି ବସରେ ଅସୁଥିବା କଟକ ଜିଲା ଛତିଆ ଚମ୍ପାପୁର ଗାଁର ସୁଶାନ୍ତଙ୍କଠାରୁ ୫ କେଜି ଗଞ୍ଜେଇ ଜବତ କରାଯାଇଛି। ଯାହାର ଦାମ ୨୫ ହଜାର ଟଙ୍କା ହେବ। ଏ ନେଇ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ନଂ.୭୨/୧୯-୨୦ରେ ଅନୁରୂପ ଭାବେ ମାମଲା ରୁଜୁ କରାଯାଇଛି।

# ପୂଜ୍ୟପୂଜାର ନିଆରା ପରମ୍ପରା: ଗୁରୁ ପୂଜନ ଉତ୍ସବ

ଖଣ୍ଡପଡ଼ା,୨୭।୧୧(ସ୍ୱ.ପ୍ର.)

ଆଜିର ଯୁବପିଢି ପ୍ରାୟତଃ ପୂଜ୍ୟ ପୂଜାକୁ ସମ୍ମାନ ଦେବା ଦେଖିବାକୁ ମିଳେନି। କିନ୍ତୁ ଖଣ୍ଡପଡା ବ୍ଲକ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର ଯେଭଳି ଭାବେ ସେମାନଙ୍କ



ପୁରାତନ ଛାତ୍ରୀଛାତ୍ରଙ୍କ ଗହଣରେ ଶିକ୍ଷକମାନେ।

ଗୁରୁମାନଙ୍କୁ ଅଭ୍ୟର୍ଥନା କଲେ ତାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ। ଉକ୍ତ ବ୍ୟାଚର ସରୋଜିନୀ ପଣ୍ଡା, ସୁରେଶ ଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ମଙ୍ଗଳବାର ଏକ ବନ୍ଧୁ ମିଳନ ଉତ୍ସବ ସିଧାମୂଳା ଗୋକୁଳାନନ୍ଦ ଜୀଉ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇଥିବା ତତ୍କାଳୀନ ଶିକ୍ଷକ ଅରବିନ୍ଦ ଦାଶ, ଅର୍ଜୁନ କୁମାର ସାହୁ, ପ୍ରଫୁଲ୍ଲ କୁମାର ପଣ୍ଡା, ଭିକାରୀ ଚରଣ ସାହୁ, ଅଣଶିକ୍ଷକ ସୁଦର୍ଶନ ପଣ୍ଡା, ଭରତ ଚରଣ ପଣ୍ଡା ପ୍ରମୁଖଙ୍କୁ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର ଫୁଲ ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ସହପାଠୀମାନେ ପରସ୍ପର ମଧରେ ଭାବର ଆଦାନପ୍ରଦାନ କରିଥିଲେ। ଉତ୍ସବକୁ ରାଜକିଶୋର ଦଳେଇ, ଅଖିଳ କୁମାର ବେହେରା, ସୁଶାନ୍ତ କୁମାର ପଣ୍ଡା, ଗୀତାଞ୍ଜଳି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ପ୍ରାରମ୍ଭରେ ପରଲୋକଗତ ଶିକ୍ଷକ ରଘୁନାଥ ପଣ୍ଡା, ବାଇଧର ମୁଦୁଲିଙ୍କ ସମେତ ଅନ୍ୟ ଶିକ୍ଷକ ଓ ଛାତ୍ରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ୨୫ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ବର୍ଗ ଯୋଗଦେଇଥିଲେ।

# ପେସାଦାର ମତ୍ସ୍ୟଜୀବୀଙ୍କ ବିକ୍ଷୋଭ

## ୨ଦିନ ହେଲା ଚିଲିକାରୁ ଘେରି ଉଚ୍ଛେଦ ବନ୍ଦ

କୃଷ୍ଣପ୍ରସାଦ,୨୭।୧୧(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରେ ସୋମବାରଠାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ମାଲୁଦ ଅଞ୍ଚଳରୁ ଘେରି କଟାଯାଉଥିବା ବେଳେ ଚିଲିକା ଉପରେ ନିର୍ଭର କରି ଚଳୁଥିବା ଅଧିବାସୀ ଏହାକୁ ବିରୋଧ କରିଥିଲେ। ମଙ୍ଗଳବାର ଏହି ବିରୋଧ ତୀବ୍ର ରୂପ ନେଇଥିଲା। ଚିଲିକା ଦ୍ୱୀପାଞ୍ଚଳ ପେସାଦାର ମତ୍ସ୍ୟଜୀବୀ ମହାସଂଘ ଧାରଣାରେ ବସିବା ସହ ଉଚ୍ଛେଦ ପାଇଁ ଯାଉଥିବା ତହସିଲଦାରଙ୍କ ଗାଡି ଛାଡି ନ ଥିଲା। ତହସିଲଦାର ଜିତେନ୍ଦ୍ର କୁମାର ନାୟକ ଏ ନେଇ ଏକ ୬ଜଣିଆ କମିଟି ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ବୁଧବାର ସହସ୍ରାଧିକ



ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

ମହିଳାପୁରୁଷ ଏହାକୁ ବିରୋଧ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପେସାଦାର ମତ୍ସ୍ୟଜୀବୀ ମହାସଂଘ ସଭାପତି କେଳୁ ଚରଣ ଜେନା, ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସୁରେନ୍ଦ୍ର ନାଥ ମାଝି, ହେମନ୍ତ କୁମାର ଜେନା, ଦାମୋଦର ଜେନା, ପ୍ରଦୀପ କୁମାର ମାଝି, ଶରତ ଚନ୍ଦ୍ର ଜେନା, ଅମିନ ଦାସ, ଶ୍ରୀଧର ପଲେଇ, ଅଭିମନ୍ୟୁ ଖୁଣ୍ଟିଆ, ଗୋଲଖ ବିହାରୀ ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିଶେଷଜ୍ଞ ଦଳ ଓ ତହସିଲଦାରଙ୍କ ସହିତ ୧୫ ଜଣିଆ କମିଟି ଆଲୋଚନା କରିଥିଲା। କିନ୍ତୁ ସରକାରଙ୍କ ନିଷ୍ପତ୍ତିକୁ ମତ୍ସ୍ୟଜୀବୀ ସଂଘ ମାନି ନ ଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଘେରି ଉଚ୍ଛେଦ ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଜୀବନ ଦେବୁ ପଛେ, ଘେରି ଉଚ୍ଛେଦ ପାଇଁ ପ୍ରଶାସନକୁ ଛାଡିବୁ ନାହିଁ ବୋଲି ମତ୍ସ୍ୟଜୀବୀମାନେ ଚେତାବନୀ ଦେଇଛନ୍ତି। ଗୁରୁବାର ପ୍ରଶାସନ ଏହାର କିଭଳି ମୁକାବିଲା କରୁଛି ତାହା ଦେଖିବାକୁ ବାକି ରହିଛି।